# ଆଜିଠାରୁ ଜିଲ୍ଲାରେ ଗାଡ଼ି ଯାଞ୍ଚ ସହ ସଚେତନତା ଅଭିଯାନ

**୧୯ ଦିନରେ ପରିବହନ ବିଭାଗର ୫.୯୫ କୋଟି ସଂଗ୍ରହ**
**ଚଳିତ ଆର୍ଥିକ ବର୍ଷରେ ୧୦୮.୭୨ କୋଟି ସଂଗ୍ରହ**
**୩୧ ତାରିଖ ପର୍ଯ୍ୟନ୍ତ ଇ-ଚାଲାଣରେ ରିହାତି**

**ସମ୍ବଲପୁର, ୨୦।୩(ସମିସ)**

ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ), ଓଡ଼ିଶାର ପରିବହନ ଆୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତାକାଲି (ଶନିବାର) ଠାରୁ ଆରମ୍ଭ ହେଉଛି ୧୦ଦିନିଆ ସ୍ୱତନ୍ତ୍ର ଗାଡ଼ି ଯାଞ୍ଚ (ଏନ୍‌ଫୋର୍ସମେଣ୍ଟ) ତଥା ସଡ଼କ ସୁରକ୍ଷା ସଚେତନତା ଅଭିଯାନ। ଏହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ବଲପୁର ଜିଲ୍ଲାର ବିଭିନ୍ନ ମୁଖ୍ୟରାସ୍ତା ଓ ସ୍ଥାନମାନଙ୍କରେ ପରିବହନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଗାଡ଼ି କାଗଜାତ ଯାଞ୍ଚ କରିବାସହ ଜନସାଧାରଣଙ୍କୁ ସଚେତନ କରିବେ। ଏହି ଅଭିଯାନରେ ମୁଖ୍ୟତଃ ଦୁର୍ଘଟଣାପ୍ରବଣ ରାସ୍ତା, ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ, ଶିଳ୍ପ କରିଡର, ସହରାଞ୍ଚଳ ସଂଯୋଗକାରୀ (ଆର୍‌ଟେରିଆଲ୍) ରାସ୍ତା ଓ ମୁଖ୍ୟ ଛକ, ବଜାର, ବସ୍‌ଷ୍ଟାଣ୍ଡ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଚଢ଼ଉ ସମୟରେ ଦ୍ରୁତ ଗାଡ଼ିଚାଳନା, ନିଶାସକ୍ତ ଗାଡ଼ିଚାଳନା, ହେଲମେଟ୍ ନପିନ୍ଧିବା, ଦି'ଚକିଆରେ ତିନିଜଣ ବସିବା, ଭୁଲ ରାସ୍ତାରେ ଗାଡ଼ିଚାଳନା, ମାଲବାହୀ ଗାଡ଼ିରେ ଓଭରଲୋଡିଂ, ଯାତ୍ରୀବାହୀ ଗାଡ଼ିରେ ଓଭରଲୋଡିଂ, ଅନୁମତି ନନେଇ ବଡ଼ ଆକାରର ମାଲ ପରିବହନ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ିଚାଳନା ତଥା ଅନ୍ୟ ଟ୍ରାଫିକ ନିୟମ ଉଲ୍ଲଂଘନ ଯାଞ୍ଚ କରାଯିବ। ଟିପର୍, ଡମ୍ପର୍, ହାଇୱା ତଥା ମାଇନିଂ ଯାନବାହନକୁ ଗୁରୁତ୍ୱ ଦିଆଯିବ। ନିଶାସକ୍ତ ଗାଡ଼ିଚାଳନା, ଦ୍ରୁତଗତିରେ ଗାଡ଼ିଚାଳନା, ଭୁଲ ରାସ୍ତାରେ ଗାଡ଼ିଚାଳନା ଆଦି ସକାଶେ ସ୍ଥାନୀୟ ପୁଲିସ ସହ ସମନ୍ୱୟ ରକ୍ଷା କରାଯିବ। ତନ୍ମଧ୍ୟରେ, ସିନ୍ଦୂରପଙ୍କରୁ ରେଢ଼ାଖୋଲ (ଏନ୍‌ଏଚ୍-୫୫); ଏନ୍‌ଏଚ୍-୫୩ ଓ ଗୋଡ଼ଭଗାରୁ ଟୋଲ ପ୍ଲାଜା ନୀଳଡୁଙ୍ଗୁରୀ; ଏସଏଚ୍-୧୦, ରେଙ୍ଗାଲି, ପରମାଣପୁର ଓ ଠେଲକୋଲୋଇ; ଧନୁପାଲିରୁ ଧମା; ଏନ୍‌ଏଚ୍-୫୩, ଜମନକିରା-କୁଚିଣ୍ଡା, ବାମରା, ବଡ଼ରମା ଘାଟ ଅଂଶ ଆଦି ସହ ବିଭିନ୍ନ ରାସ୍ତା ଓ ଛକ ମାନଙ୍କରେ ଯାନବାହନ ଯାଞ୍ଚ କରାଯିବାକୁ ଯୋଜନା ରହିଛି। ସଚେତନତା କାର୍ଯ୍ୟକ୍ରମ ଅନ୍ତର୍ଗତ ରକ୍ତଦାନ ଶିବିର, ଚକ୍ଷୁ ଯାଞ୍ଚ ଶିବିର, ଚାଳକ/ସହାୟକ କାଉନସେଲିଂ ଶିବିର ଆଦି ଆୟୋଜନ କରାଯିବ। ସମ୍ବଲପୁର ଜିଲ୍ଲାବାସୀ ଟ୍ରାଫିକ ନିୟମ ମାନି ଗାଡ଼ି ଚଳାଇବା ସହ ଅନ୍ୟମାନଙ୍କୁ ସହଯୋଗ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ସୂଚନା ଦେଇଛନ୍ତି।

ସମସ୍ତ ଟିକସ ଓ ଜରିମାନା ପୈଠ କରିନଥିଲେ ପ୍ରଦୂଷଣ ନିୟନ୍ତ୍ରଣ (ପିୟୁସି) ପ୍ରମାଣପତ୍ର ମିଳିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ଏହାସହ ଟ୍ରାଫିକ୍ ନିୟମ ଉଲ୍ଲଂଘନ ମାମଲାରେ ବକେୟା ଇ-ଚଲାନ ଗୁଡ଼ିକ ଉପରେ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ୫୦% ରିହାତି ଥିବାରୁ ସମ୍ବଲପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। କାର୍ଯ୍ୟଦିବସ ଗୁଡ଼ିକରେ ଏହି ରିହାତି ପାଇବା ପାଇଁ ପୂର୍ବର ବର୍ଷ ବର୍ଷ ଧରି ବକେୟା ରହିଥିବା ଚଲାନ ଗୁଡ଼ିକ ଲୋକେ ପଇଠ କରୁଛନ୍ତି। ସୂଚନା ଅନୁଯାୟୀ, ଚଳିତମାସ ୧ ତାରିଖରୁ ଗୁରୁବାର ସୁଦ୍ଧା ମାତ୍ର ୧୯ ଦିନରେ ଟିକସ ଓ ଚଲାନ ଆଦି ମୋଟ ୫, ୯୫, ୬୮, ୧୪୪ ଟଙ୍କା ସଂଗ୍ରହ କରିଛି ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ। ମୋଟର ଭେହିକିଲ ରାଜସ୍ୱ ସଂଗ୍ରହ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୫-୨୬ରେ ୧-୪-୨୦୨୫ରୁ ୧୯-୩-୨୦୨୬ ପର୍ଯ୍ୟନ୍ତ ୧୦୮ କୋଟି ୭୨ ଲକ୍ଷ ୪୯ ହଜାର ୯୦୨ ଟଙ୍କା ସଂଗୃହୀତ ହୋଇଥିବା ଜଣାପଡ଼ିଛି। ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଇ-ଚାଲାନରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ରହିଥିବା ରିହାତିର ଲାଭ ଉଠାଇ ବର୍ଷ ବର୍ଷ ଧରି ପଡ଼ିରହିଥିବା ଏମ୍‌ଭି ଚାଲାନ ଗୁଡ଼ିକ ପଇଠ କରିବାକୁ ଅନୁରୋଧ କରିଛନ୍ତି।



ସମ୍ବଲପୁର କାମାକ୍ଷା ମନ୍ଦିରରେ ବାସନ୍ତିକ ନବରାତ୍ରର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ବେଶ।

## ସମ୍ବଲପୁର ଏସ୍‌ପି ସମ୍ବର୍ଦ୍ଧିତ

**ସମ୍ବଲପୁର, ୨୦।୩ (ସମିସ):** ଭୁବନେଶ୍ୱରର ପୁଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏନଡିପିଏସ ମାମଲା ଗୁଡ଼ିକର ତଦନ୍ତ ଏବଂ ପ୍ରଭାବଶାଳୀ ତଦାରଖରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ଡ୍ରଗ୍ସ ସମ୍ବନ୍ଧୀୟ ଅପରାଧ ମୁକାବିଲାରେ ସମ୍ବଲପୁର ପୋଲିସର ପ୍ରତିବଦ୍ଧତା, ବୃତ୍ତିଗତତା ଏବଂ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ। ଏହା ସମ୍ବଲପୁର ପୋଲିସ ନିଶାଦ୍ରବ୍ୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଏବଂ ଗୁଣାତ୍ମକ ତଦନ୍ତ ଏବଂ ଏନଡିପିଏସ ମାମଲାଗୁଡ଼ିକର ସମୟୋଚିତ ଦଣ୍ଡବିଧାନ ମାଧ୍ୟମରେ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି।

## ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ

**ସମ୍ବଲପୁର, ୨୦।୩ (ସମିସ) :** ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୬ତମ ଜୟନ୍ତୀ ଯୁଯୋମୁରା ବ୍ଲକ ଅନ୍ତର୍ଗତ, ବାହାମ ପଞ୍ଚାୟତ ବଡ଼ତୁରାଙ୍ଗ ଗ୍ରାମର ଗଙ୍ଗାଧର ମେହେର ବୁଣାକାର ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଦୀପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାହାମ ପଞ୍ଚାୟତର ସମିତିସଭ୍ୟ ପ୍ରଫୁଲ୍ଲ ମଗର ସଭାପତିତ୍ୱ କରିଥିବା ବେଳେ ବୁଣାକାର ସଂଘ ବରିଷ୍ଠ ସଭ୍ୟ ବିଜୟ ମେହେର, ଇସମାଇଲ ଆଜାଦ ବଡେଇ, ରାଜକୁମାର ସାହୁ, ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ପଦ୍ମଶ୍ରୀ ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁବାସିନୀ ମେହେର, ପଙ୍କଜିନୀ ମେହେର, ମଞ୍ଜୁଲତା ମେହେର, ସୁସ୍ମିତା ମେହେର ପ୍ରମୁଖ ସହଯୋଗ କରିଥିଲେ। ସଭାରେ ବଡ଼ତୁରାଙ୍ଗ ଓ ଆଖପାଖ ଅଞ୍ଚଳର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ମେଳା

**ସମ୍ବଲପୁର, ୨୦।୩ (ସମିସ) :** ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାର ସର୍ବପୁରାତନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ପୁଣେସ୍ଥିତ ବ୍ୟବସାୟିକ ସ୍କୁଲ ପିଆଇବିଏମ୍ ସହଯୋଗରେ ଏକ ମେଗା ପ୍ଲେସମେଣ୍ଟ ମେଳା ଆଜି ଆୟୋଜିନ ହୋଇଯାଇଛି। ଏଥିରେ ୨୮ଟି ନିଯୁକ୍ତିଦାତା ସଂସ୍ଥା ଅଫ୍‌ଲାଇନ୍ ଏବଂ ଅନଲାଇନ୍ ମୋଡ୍‌ରେ ଯୋଗ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ନିକଟସ୍ଥ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟର ୪୭୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟତଃ ୪ଟି କ୍ଷେତ୍ରରେ ଚାକିରି ସୁଯୋଗ ରହିଥିଲା। ତାହାହେଲା - ଫାଇନାନ୍ସ, ମାର୍କେଟିଂ ଆଣ୍ଡ ମ୍ୟାନେଜମେଣ୍ଟ, କୋର୍ ଇଞ୍ଜିନିୟରିଂ ଆଣ୍ଡ ଏପ୍ଲାଏଡ୍ ସାଇନ୍ସ ଏବଂ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଆଇଟି। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ପିଆଇବିଏମ୍‌ର ୨୫ରୁ ଉର୍ଦ୍ଧ୍ୱ କ୍ୟାରିଅର୍ ଡେଭଲପ୍‌ମେଣ୍ଟ ସେଲ୍‌ଫ ସଦସ୍ୟ ଏବଂ ସ୍କୁଲ ଅଫ୍ ଇନଫର୍ମେସନ୍ ସାଇନ୍ସ ଆଣ୍ଡ ଟେଲିକମ୍ୟୁନିକେସନ୍ (ଆଇଏସ୍‌ଟି) ର ୩୦ ଜଣ ବିଦ୍ୟାର୍ଥୀ ସ୍ୱେଚ୍ଛାସେବୀ ଏହି ମେଗା ପ୍ଲେସମେଣ୍ଟ ମେଳା ପରିଚାଳନାରେ ସହଯୋଗ କରିଥିଲେ। ଜିଏମ୍‌ୟୁ ପକ୍ଷରୁ ସତ୍ୟବାନ ବେହେରା, ଡକ୍ଟର ମୀରା ସ୍ୱାଇଁ ଏବଂ ପ୍ରଫେସର ଦାସ ନେତୃତ୍ୱ ନେଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ

**ସମ୍ବଲପୁର, ୨୦।୩ (ସମିସ) :** ସମ୍ବଲପୁର ପାନ୍ଥନିବାସଠାରେ ଆଜି ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଖାଦ୍ୟ ସଂସ୍କୃତିର ଅବିଚ୍ଛିନ୍ନ ଅଂଶ ଥିବା ପଖାଳର ପ୍ରଚାର ନିମନ୍ତେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ସମ୍ବଲପୁର ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଜାଧବ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ପଖାଳ ଦିବସ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ କ୍ୟାବିନେଟ୍ ସହଯୋଗୀମାନେ ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଦହିପଖାଳ ସହ ଶାଗ, ଭଜା, ବଡି ଚୁରା, ଚୂନାମାଛ ଭଜା ଆଦି ପାରମ୍ପରିକ ଖାଦ୍ୟରେ ଆପ୍ୟାୟିତ କରାଯାଇଥିଲା। ଏହି ଦିବସ ପାଳନ ମାଧ୍ୟମରେ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ବୃଦ୍ଧି କରିବାସହ ଏହାର ସଂରକ୍ଷଣ ଓ ପ୍ରଚାର ପାଇଁ ଜୋର ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ସହକାରୀ ନିର୍ଦ୍ଦେଶକ (ପର୍ଯ୍ୟଟନ) ରବୀନ୍ଦ୍ରନାଥ ଦଳେଇ ପରିଚାଳନା କରିଥିବାବେଳେ ବିଭାଗୀୟ ଅଧିକାରୀମାନେ ସହଯୋଗ କରିଥିଲେ।

## ଅତାବିରାରେ ଉଗାଦୀ ପାଳନ



**ସମ୍ବଲପୁର, ୨୦।୩(ସମିସ):** ବରଗଡ଼ ଜିଲ୍ଲା ଅତାବିରା ବ୍ଲକରେ ବାସ କରୁଥିବା ଆନ୍ଧ୍ର ସମାଜର ବ୍ୟକ୍ତି ବିଶେଷ ମାନେ ହିନ୍ଦୁ ନବ ବର୍ଷ ସହିତ ଉଗାଦୀ ପର୍ବ ପାଳନ କରିଛନ୍ତି। ବିଗତ ୨୨ ବର୍ଷ ହେଲାଣି ଅତାବିରା ସ୍ଥିତ କଲ୍ୟାଣ ମଣ୍ଡପରେ ଅତାବିରା ଆନ୍ଧ୍ର କଲଚରାଲ ତରଫରୁ ପର୍ବ ପାଳନ କରି ଆସୁଛନ୍ତି। ସଂଗଠନର ସଭାପତି ତଥା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟର ଅଧ୍ୟକ୍ଷ ଡି.ମୁରଲୀ କ୍ରିଷ୍ଣା ଓ ସଂଗଠନ ର ଅନ୍ୟ ସଦସ୍ୟ ମାନେ ସର୍ବ ପ୍ରଥମେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ନାଚ ଗୀତର ଆସର୍ ଜମି ଥିଲା।

## କୀଟନାଶକ ପିଇ ମହିଳାଙ୍କ ମୃତ୍ୟୁ

**କୁଚିଣ୍ଡା, ୨୦।୩(ସମିସ):** କୁଚିଣ୍ଡା ଥାନା ତବଲାକଟା ନିକଟସ୍ଥ ଖଡ଼ିଆପାଲି ଗ୍ରାମର କୁମରମଣି କାଉଙ୍କ ପତ୍ନୀ ଶୁଶିଳା କାଉ (୨୮) ମୃତ୍ୟୁବରଣ କରିଛନ୍ତି। ଗୁରୁବାର ଅପରାହ୍ନରେ କୌଣସି କାରଣରୁ କୀଟନାଶକ ପିଇ ଘରେ ଛଟ ପଟ ହୋଇଥିଲା। ପଡ଼ିଶାଘର ଲୋକ ଜାଣି ଶୁଶିଳାର ବାପ ଘର ଲୋକଙ୍କୁ ଖବର ଦେଇଥିଲେ। ଗାଁର କିଛି କିଛି ବ୍ୟକ୍ତି କୁଚିଣ୍ଡା ଡାକ୍ତରଖାନାକୁକୁ ଆଣିଥିଲେ। ଡାକ୍ତରଖାନାରେ ଶୁଶିଳାଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଛି। କୁଚିଣ୍ଡା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରିଛି। କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ପୁଲିସ ପକ୍ଷରୁ ପ୍ରକାଶ।

## ଡାକ୍ତର ଅଭାବ ନେଇ ସିଡିଏମ୍‌ଓଙ୍କୁ ସାକ୍ଷାତ

**ସମ୍ବଲପୁର, ୨୦।୩(ସମିସ):** ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଡାକ୍ତର ଅଭାବ ରହିଛି। ଏ ନେଇ ହୀରାକୁଦର ଏକ ପ୍ରତିନିଧି ଦଳ ଆଜି ସିଡିଏମଓଙ୍କୁ ସାକ୍ଷାତ କରି ଅଭିଯୋଗ କରିଥିଲେ। ସିଡିଏମଓ ମଧ୍ୟ ଖୁବ ଶୀଘ୍ର ଡାକ୍ତର ପଦବୀ ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ହୀରାକୁଦର କାର୍ତିକ କଲେତ, ଅଶୋକ ମହାପାତ୍ର, ପ୍ରହଲ୍ଲାଦ ତାଣ୍ଡି, ସୁନୀଲ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

## ଅନଲାଇନ୍ ଠକେଇ, ମ୍ୟୁଲ୍ ଆକାଉଣ୍ଟଧାରୀ ଗିରଫ

**ସମ୍ବଲପୁର, ୨୦।୩(ସମିସ):** ବୁର୍ଲା ଥାନା ପୁଲିସ ଅନଲାଇନ ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଉଛି ସୁନ୍ଦରଗଡ଼ ପ୍ଲାଣ୍ଟସାଇଟ ଥାନା ମଙ୍ଗୁନି ବସ୍ତିର ଅମିତ କୁମାପ ସାହୁ(୨୬)। ପୁଲିସ ଅଭିଯୁକ୍ତ ନିକଟରୁ ନଗଦ ୧୨ ହଜାର ୫ଶହ ଟଙ୍କା, ମୋବାଇଲ ଓ ବିଭିନ୍ନ କାଗଜ ପତ୍ର ଜବତ କରିଛି। ଏକ ସାଇବର ଅପରାଧରେ ଅଭିଯୁକ୍ତର ଲିଙ୍କ ଥିବା ନେଇ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ ଭିସୁଟରେ ପଢୁଥିବା ଜଣେ ଛାତ୍ରୀ ଅନଲାଇନରୁ ମଗାଇଥିବା ସାମଗ୍ରୀ କ୍ୟାନସେଲ ହୋଇଥିଲା। ପରେ ସେ ଗୁଗୁଲରୁ ଗ୍ରାହକ କେନ୍ଦ୍ର ନମ୍ବର ଆଣିଥିଲେ। ପରେ ଅନଲାଇନ ଲୁଟେରା ବିଭିନ୍ନ ଆଳ ଦେଖାଇ ତାଙ୍କ ମୋବାଇଲରେ ଅନ୍ୟ ଏକ ଆପ ଇନଷ୍ଟଲ କରିଥିଲେ। ପରେ ପର୍ଯ୍ୟାୟ କ୍ରମେ ୭୦୭୭୩, ୧୦୧୨, ୩୯୯୯, ୪୯୯ ଓ ୧୬୦୧୬ ଟଙ୍କା ଅନଲାଇନରେ ଲୁଟି ନେଇଥିଲେ। ପରେ କୁପନ କାର୍ଡ ଆଳରେ ୧୦ ହଜାର ଟଙ୍କା ମଧ୍ୟ ନେଇ ଯାଇଥିଲେ। ଏ ନେଇ ସେ ଗତ ବର୍ଷ ଅକ୍ଟୋବରରେ ବୁର୍ଲା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୪୫୮/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଛାତ୍ରୀଙ୍କ ଟଙ୍କା ହେରଫେର ବେଳେ ଗିରଫ ଅଭିଯୁକ୍ତ ଖାତାକୁ ଯାଇଥିଲା। ନିଜର ମ୍ୟୁଲ ଏକାଉଣ୍ଟ ସାଇବର ଅପରାଧରେ ବ୍ୟବହାର ପାଇଁ ଦେଇଥିଲା। ଏହା ସହ ଏହି ଠକେଇର ସେୟାର ମଧ୍ୟ ପାଇଥିଲା। ତେଣୁ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଘୋଷଣା ହେଲା ସମ୍ବଲପୁର ଜିଲ୍ଲା ବିଜେପି ଟିମ୍

**ସମ୍ବଲପୁର, ୨୦।୩ (ସମିସ):** ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସଙ୍ଗଠନ ସମ୍ପାଦକ ମାନସ ମହାନ୍ତିଙ୍କ ଅନୁମୋଦନକ୍ରମେ ସମ୍ବଲପୁର ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ତାଙ୍କ ନୂତନ ଟିମ୍ ଘୋଷଣା କରିଛନ୍ତି। ରାଜ୍ୟ ପ୍ରବକ୍ତା ତଥା କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ଜରିଆରେ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତିରେ ଜିଲ୍ଲାର ସମସ୍ତ ୨୮ଟି ପଦପଦବୀର ତାଲିକା ରହିଛି। ଜିଲ୍ଲାର ୮ଟି ଉପସଭାପତି, ୩ଟି ସାଧାରଣ ସମ୍ପାଦକ, ୮ଟି ସମ୍ପାଦକ ଓ ଜିଲ୍ଲା କୋଷାଧ୍ୟକ୍ଷ ସମେତ ସମସ୍ତ ୭ଟି ମୋର୍ଚ୍ଚା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲା ଉପସଭାପତି ଭାବେ ସୁଶାନ୍ତ ପୁରୋହିତ, ଅଶ୍ୱିନୀ ସ୍ୱାଇଁ, ଦୁଷ୍ମନ୍ତ ନାୟକ, ନମ୍ରସକାନ୍ତ ପଟ୍ଟନାୟକ, ସୁଧୀର ଗୁପ୍ତା, ବିଚିତ୍ରାନନ୍ଦ ସନ୍ଧୁ, ପ୍ରମୋଦ ସାହୁ ଓ ରୁନୁ ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ସୁଶୀଲ କର, ସମୀର ରଞ୍ଜନ ବାବୁ ଓ ଆଶିଷ ହୋତା ଏବଂ ଜିଲ୍ଲା ସମ୍ପାଦକ ଭାବରେ ବିଭୂତି କଲ୍ୟାଣ ପଟେଲ, ନିଳାମ୍ବର ସିକନ୍ଦର, ସନ୍ତୋଷ ହସ୍ତି, ସସ୍ମିତା ଦେହୁରୀ, ପୁଷ୍ପାଞ୍ଜଳି ଧରୁଆ, ଭବାନୀ ଧୂସର, ସଂଯୁକ୍ତା ପ୍ରଧାନ, ଅନୁସୟା ସାମଲଙ୍କ ନାମ ଘୋଷଣା କରାଯାଇଛି। ଶମ୍ଭୁ ବରେଲିଆଙ୍କୁ ଜିଲ୍ଲା କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ବିଭିନ୍ନ ମୋର୍ଚ୍ଚାର ସଭାପତି ତାଲିକାରେ ପ୍ରଭୁଦତ୍ତ ପଣ୍ଡା (ଯୁବ ମୋର୍ଚ୍ଚା), ଡ. ସୁଷମା ସାହୁ (ମହିଳା ମୋର୍ଚ୍ଚା), ହରବ୍ରତ ସେନାପତି (ଅନୁସୂଚିତ ଜାତି ମୋର୍ଚ୍ଚା), ବେଣୁଧର ପ୍ରଧାନ (ଅନୁସୂଚିତ ଜନଜାତି ମୋର୍ଚ୍ଚା), ରମେଶ ପ୍ରଧାନ (ପଛୁଆ ବର୍ଗ ଜାତି), ମିତ୍ରଭାନୁ ପ୍ରଧାନ (କୃଷକ ମୋର୍ଚ୍ଚା) ଓ ଗୁର୍‌ଦୀପ ସିଂହ (ଅଳ୍ପ ସଂଖ୍ୟକ ମୋର୍ଚ୍ଚା)ଙ୍କ ନାମ ଘୋଷଣା କରାଯାଇଛି।

## ଫୁଲ ଓ ପନିପରିବା ଚାଷ ବୃଦ୍ଧି ପାଇଁ ୮ ଚାଷୀଙ୍କୁ ସୌର ପମ୍ପ



**ସମ୍ବଲପୁର, ୨୦।୩ (ସମିସ) :** ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରି କୃଷିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲକୋ ଫାଉଣ୍ଡେସନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ନାବାର୍ଡ ସହଯୋଗରେ, ସବୁଜ ସନାତନପାଲି କୃଷକ ସଂଘର ଚାଷୀମାନଙ୍କ ପାଇଁ କ୍ଷୁଦ୍ର ସୌର ଜଳସେଚନ ପମ୍ପ ଦ୍ୱାରା ଜଳସେଚନ ସମସ୍ୟାର ମୁକାବିଲା କରି ଫୁଲ ଚାଷ ଏବଂ ପନିପରିବା ଚାଷରେ ଉତ୍ପାଦକତା ବୃଦ୍ଧି ପାଇଁ ମୋଟ ୮ ଜଣ ଚାଷୀଙ୍କୁ ସୌର ପମ୍ପ ଯୋଗାଇ ଦିଆଯାଇଛି। ଏହି ଅବସରରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରୁ କୃଷିଋଣ ସହାୟତା ଆଧାରରେ ଏବଂ ସେଲକୋ ଫାଉଣ୍ଡେସନର ପ୍ରତ୍ୟକ୍ଷ ସହାୟତାରେ ଏକ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ସମ୍ବଲପୁରର ଆଞ୍ଚଳିକ ପ୍ରବନ୍ଧକ ଶୁଭଦା ପ୍ରସାଦ ମହାନ୍ତି, ନାବାର୍ଡର ଜିଲ୍ଲା ଅଧିକାରୀ ଧୀରେନ କୁମାର ଦାଶ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବ୍ୟବସାୟ ମୁଖ୍ୟ ସ୍ୱରୂପ ସମ୍ପଦ ପୂଜାରୀ, ଶାଖା ପ୍ରବନ୍ଧକ ଅଭିଜିତ ମିଶ୍ର, ସେଲ୍‌ଫକୋ ଫାଉଣ୍ଡେସନର ଅବିନାଶ କୁମାର ପଣ୍ଡା, ସବୁଜ ସନାତନପାଲି କୃଷକ ସଂଘର ମନବୋଧ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସୌର ଶକ୍ତି ଆଧାରିତ ପ୍ରଯୁକ୍ତିର ପ୍ରଭାବଶାଳୀ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ଏକ ଜୀବନ୍ତ ପ୍ରଦର୍ଶନ ଏବଂ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ, ହିତାଧିକାରୀମାନେ କୃଷକଙ୍କ ଆୟ ବୃଦ୍ଧି କରିବା ଏବଂ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ କୃଷି ସହିତ ଅକ୍ଷୟ ଶକ୍ତି ଆଧାରିତ ସମାଧାନକୁ ସମନ୍ୱିତ କରିବା ବିଷୟରେ ଆଲୋକପାତ କରିଥିଲେ।

## ବାର୍ଷିକ ଉତ୍ସବ, ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ରେଢ଼ାଖୋଲ, ୨୦।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ କୁକୁଡାବାହାଲି ପଞ୍ଚାୟତ ଶିଶୁପର୍ଣ୍ଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ସହିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ହରିହର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଲୁ ସ୍ୱାଇଁ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ଭାବରେ କୁକୁଡ଼ାବାହାଲି ପଞ୍ଚାୟତ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ଯୋଗଦେଇ ଥିଲେ। ବିଗତ ବାର୍ଷିକ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଏନଏମଏମଏସ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ଅଷ୍ଟମ ଶ୍ରେଣୀ ଛାତ୍ର କାହ୍ନୁ ବେହେରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ସହିତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ସ୍ୱତନ୍ତ୍ର ଶୁଭେଚ୍ଛା ସହ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପଙ୍କଜିନୀ ଲୁହୁରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଲିଲିବତୀ ପ୍ରଧାନ ଓ ଇତିଶ୍ରୀ ନାଗ ସହାୟତା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମମତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ହୀରାକୁଦ ଡ୍ୟାମ୍ ଜମି ଶିଳ୍ପସଂସ୍ଥାକୁ ହସ୍ତାନ୍ତର ପ୍ରୟାସ**

# ରାଜସ୍ୱ ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଚୁପ୍ କାହିଁକି: ସଞ୍ଜିତ

**ସମ୍ବଲପୁର, ୨୦।୩(ସମିସ)**

ସମ୍ବଲପୁର ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ହୀରାକୁଦ ବନ୍ଧ ସମ୍ପର୍କିତ ଜମି ପ୍ରସଙ୍ଗ ଓ ବିଭିନ୍ନ ଉନ୍ନୟନ ପାଣ୍ଠିର ସଠିକ୍ ବ୍ୟବହାର ନେଇ ଆଲୋଚନା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳ ବିଭିନ୍ନ ତଥ୍ୟ ବିଷୟରେ ଆରଡ଼ିସିଙ୍କୁ ଅବଗତ କରିଥିଲେ। ହୀରାକୁଦ ବନ୍ଧ ନିର୍ମାଣ ସମୟରେ ହଜାର ହଜାର ଲୋକ ତାଙ୍କ ଜମି, ଘର, ଗ୍ରାମ ଓ ଜୀବିକା ହରାଇଥିଲେ। ବହୁ ପରିବାର ଆଜି ପର୍ଯ୍ୟନ୍ତ ଯଥୋଚିତ ପୁନର୍ବାସ ଓ ଅଧିକାର ପାଇ ପାରିନାହାନ୍ତି। ଏପରି ପରିସ୍ଥିତିରେ ବନ୍ଧ ସଂଲଗ୍ନ ଜମିର କିସମ ପରିବର୍ତ୍ତନ କରି ବେସରକାରୀ କମ୍ପାନୀଙ୍କୁ ବିକ୍ରୟ କରିବାର ପ୍ରୟାସକୁ ବିଜେଡି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ହୀରାକୁଦ୍ ଡ୍ୟାମ ଉପରେ ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ନିର୍ଭର କରୁଥିବା ବେଳେ ସମ୍ବଲପୁର ସହ ଅନେକ ସହରବାସୀ ପାନୀୟ ଜଳ ପାଇଁ ନିର୍ଭର କରନ୍ତି। କିନ୍ତୁ କିଛି ଶିଳ୍ପ ସଂସ୍ଥା ଓ ପ୍ରଶାସନିକ ଅଧିକାରୀ ସମସ୍ତ ସ୍ୱାର୍ଥକୁ ବଳିଦେଇ ଡ୍ୟାମ୍ ଜମିର କିସମ ପରିବର୍ତ୍ତନ କରିବା ସହ ଶ୍ୟାମ ଡିଆର୍‌ଆଇ ସହ ଅନ୍ୟ ଶିଳ୍ପ ସଂସ୍ଥାକୁ ଜମି ହସ୍ତାନ୍ତର କରିବାର ମସୁଧା କରୁଛନ୍ତି। ପୂର୍ବରୁ ମଧ୍ୟ ଡ୍ୟାମ୍ ଜମିରେ ଖାର (ଆସ୍) ପଳାଇବାରେ ପ୍ରଶାସନ ଚୁପ୍ ରହିଛି। ପୂର୍ବରୁ ଶ୍ୟାମ ଡିଆର୍‌ଆଇ ଉପରେ ପଦକ୍ଷେପ ନେବା କହୁଥିବା ରାଜସ୍ୱ ମନ୍ତ୍ରୀ ଚୁପ୍ ରହିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ ଜମି କିସମ ପରିବର୍ତ୍ତନକୁ ନେଇ ସାଧାରଣରେ ପ୍ରତିବାଦ ହେଉଥିବା ବେଳେ ବିଧାୟକ, ସାଂସଦ ଓ ମନ୍ତ୍ରୀ ନୀରବ ରହିଛନ୍ତି।



ସେହିପରି ଶିଳ୍ପ ସଂସ୍ଥା ଗୁଡିକର ସିଏସ୍‌ଆର ପାଣ୍ଠିର ବ୍ୟବହାର ନେଇ ମଧ୍ୟ ବିଜେଡି ପକ୍ଷରୁ ଗଭୀର ଚିନ୍ତାବ୍ୟକ୍ତ କରାଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, କୋଟି କୋଟି ଟଙ୍କା ସିଏସଆର୍ ପାଣ୍ଠି ମାଧ୍ୟମରେ ମାରାଥନ, ମିନି ମାରାଥନ ଭଳି ଏକଦିନିଆ କାର୍ଯ୍ୟକ୍ରମରେ ଖର୍ଚ୍ଚ ହେଉଛି, ଯେଉଁଥିରେ ନାଚ-ଗୀତ, ନେତାଙ୍କ ଫଟୋ ସହ ଟି-ସାର୍ଟ, ଟୋପି, ରଙ୍ଗୀନ ପତାକା, ଆଡମ୍ବର ଓ ବ୍ୟାପକ ପ୍ରଚାରପ୍ରସାର ହେଉଛି। ବିଭିନ୍ନ ମହୋତ୍ସବରେ ଅତିଥି ହେବାପାଇଁ ଜନପ୍ରତିନିଧି ମାନେ ଚାନ୍ଦା ଆକାରରେ ସିଏସଆର୍ ପାଣ୍ଠିକୁ ବ୍ୟବହାର କରୁଛନ୍ତି। ବାହାର ରାଜ୍ୟର କଳାକାର ମାନଙ୍କୁ ଏହି ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସକାଶେ ପ୍ରଦାନ ହେଉଛି। ପ୍ରଦୂଷଣର ଶିକାର ହେଉଥିବା, ଜମି ଜୀବିକା ହରାଇଥିବା ସାଧାରଣ ଲୋକଙ୍କ ମୂଳ ଆବଶ୍ୟକତାକୁ ପୂରଣ କରିବା ପରିବର୍ତ୍ତେ କିଛି ବ୍ୟକ୍ତି ବିଶେଷଙ୍କ ପ୍ରଚାର ପାଇଁ ପାଣ୍ଠିର ଦୁର୍ବ୍ୟବହାର କରାହେଉଛି ବୋଲି ଅଭିଯୋଗ କରାଯାଇଛି। କୋଟି କୋଟି ଟଙ୍କା ବ୍ୟବହାର କରି ହୋର୍ଡ଼ିଂ, ଫଟୋରେ ରାଜନୈତିକ ବ୍ୟକ୍ତିଙ୍କ ପ୍ରଚାର ପ୍ରସାରରେ ଖର୍ଚ୍ଚ ହେଉଛି। ଏହି ପାଣ୍ଠିଗୁଡିକୁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ, ଆଲୋକୀକରଣ, ରାସ୍ତା ନିର୍ମାଣ, ସହର ଉନ୍ନୟନ ଓ ସବୁଜିକରଣ ଭଳି ଦୀର୍ଘମିଆଦି ଜନହିତ କାମରେ ବ୍ୟୟ କରାଯିବା ଆବଶ୍ୟକ।

ଏହି ସମସ୍ତ ପ୍ରସଙ୍ଗ ଉପରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସକାରାତ୍ମକ ଭାବେ ଆଲୋଚନା କରିବାସହ ଦଳର ଦାବିଗୁଡିକୁ ବିଚାର କରି ଯଥୋଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରତିନିଧି ଦଳରେ ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଦସ୍ୟ ଗୋକୁଳ ମେହେର, ଜିଲ୍ଲା ସମ୍ପାଦକ ମହମ୍ମଦ ସାନଉଲ୍ଲା, ରାଜ୍ୟ ଉପସଭାପତି ମିଳନ ହୋତା, ପ୍ରକାଶ ଡାଙ୍ଗ, ସାଧାରଣ ସମ୍ପାଦକ ସୁମିତ ପଟେଲ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, ଦେବଜ୍ୟୋତି ପଟ୍ଟନାୟକ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଧିରେନ ଦେବତା, ବାଲ୍ମିକି ନାୟକ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ଅଜିମ ଅଜ୍ଜୁ, ମହମ୍ମଦ ଇସାକ, ଶୁଭମ ସାହୁ, ସପନ ହୋତା, ଆର୍ଯ୍ୟନ ବହିଦାର, ସୁକେଶ ସିଂ, ଅଂଶୁମାନ ସାହୁ, ପ୍ରିୟାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ରାଉରକେଲା ଶ୍ରମିକ ସଂଘ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧ ଦିବସ

**ରାଉରକେଲା, ୨୦।୩ (ସମିସ):** ରାଉରକେଲା ଶ୍ରମିକ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଏମ୍‌ଡିଏନ୍. ପାଣିକରଙ୍କ ଏକାଦଶତମ ଶ୍ରାଦ୍ଧ ଦିବସ ସଂଘ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୫୨ ଜଣ ରକ୍ତଦାନ କରିଥିଲେ। ସଂଘର ବରିଷ୍ଠ ଉପସଭାପତି ଆର୍.କେ. ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସହିତ ସମସ୍ତ କର୍ମକର୍ତ୍ତା ସ୍ୱର୍ଗତ ପାଣିକରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି




ଜ୍ଞାପନ କରିଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ରାଉରକେଲାର ମାନ ବୃଦ୍ଧି କରିଥିବା ୬ କ୍ରୀଡ଼ାବିତ୍ ସ୍ନେହମୟୀ କିଶାନ, ପ୍ରତୀକ ମହାରଣା, କେରୋବିନ ଲାକ୍ରା, ଅରବିନ ଲାକ୍ରା, ଆଶା ମୁଣ୍ଡାରୀ, ଶରତ କୁମାର ଦାସଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଧାରଣ ପରିଷଦ ସଭ୍ୟମାନଙ୍କ ଅନୁମୋଦନ କ୍ରମେ ସାଧାରଣ ସମ୍ପାଦକ ସଂଘର ଖାଲିଥିବା କିଛି ପଦ ପାଇଁ ଚୂଡ଼ାନ୍ତ ନାମ ଘୋଷଣା କରିଥିଲେ। କାର୍ଯ୍ୟକାରୀ ସଭାପତି ହରି ରାଉତରାୟ, ଉପସଭାପତି ଜନାର୍ଦ୍ଦନ ଦେହୁରୀ, ଅକ୍ଷୟ ଜେନା, ନିହାର ଦାସ ପ୍ରମୁଖ ସ୍ୱର୍ଗତ ପାଣିକରଙ୍କ ସ୍ମୃତିଚାରଣ କରି ନିଜର ବକ୍ତବ୍ୟ ରଖିଥିଲେ। ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ। ରାତ୍ରି ଭୋଜନ ସହ ସ୍ମୃତି ସଭାର ସମାପ୍ତି ଘୋଷଣା କରାଯାଇଥିଲା। ସାଧାରଣ ସମ୍ପାଦକ ଶ୍ରୀ ବେହେରାଙ୍କ ନେତୃତ୍ୱରେ ସଂଘର ଉପସାଧାରଣ ସମ୍ପାଦକ ଦିଲୀପ କୁମାର ମହାପାତ୍ର, ଉପସଭାପତି ଅକ୍ଷୟ ଜେନା, ନିହାର ଦାସ, ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ରଘୁନାଥ ଭୁକ୍ତା, ତୁଷାର ସାହୁ, ୟୁଥ୍ ଅଧ୍ୟକ୍ଷ ବିକାଶ ବେହୁରିଆ, ସୌମ୍ୟ କାନ୍ତ ଧଳ, ବ୍ରହ୍ମାନନ୍ଦ ବେହେରା, ରଘୁନାଥ ପ୍ରଧାନ, ସତ୍ୟନାରାୟଣ ପାଣି, ସୁରେଶ କିଶାନ, ମନୋଜ କିଶାନ, ମନୋରଞ୍ଜନ ବେହେରା, ରୁଦ୍ରନାରାୟଣ ବେହେରା, ମନୋଜ ପଟ୍ଟନାୟକ, ସୌରଭ ଉପାଧ୍ୟାୟ, ରଞ୍ଜନ ସାହୁ, ପ୍ରକାଶ ଓଝା, ପ୍ରଫୁଲ୍ଲ ଦାସ, ଅଖିଳ ପୃଷ୍ଟି, ହୋମନାଥ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବଙ୍କ ସୁନ୍ଦରଗଡ଼ ଗସ୍ତ

## ବିଭିନ୍ନ ସ୍ଥାନ ପରିଦର୍ଶନ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା

**ରାଉରକେଲା, ୨୦।୩(ସମିସ)**

ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଏନ୍.ବି.ଏସ୍ ରାଜପୁତ ଆଜି ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତ କରିଥିଲେ। ଗସ୍ତର ପ୍ରଥମ ଦିନରେ ସେ ପ୍ରଥମେ ସୁନ୍ଦରଗଡ଼ର ଭେଡାବାହାଲ ସ୍ଥିତ ଟ୍ରକ୍ ଟର୍ମିନାଲ୍ ପରିଦର୍ଶନ କରି ଉପସ୍ଥିତ ହିତାଧିକାରୀ ଏବଂ ସେବା ପ୍ରଦାନକାରି ସଂସ୍ଥାର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସେଠାରୁ ଆସି ସୁନ୍ଦରଗଡ଼ ଉପକଣ୍ଠରେ ନିର୍ମିତ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଡାକ୍ତରଖାନା ବୁଲି ଦେଖିବା ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଉପସ୍ଥିତ ରୋଗୀ ଏବଂ ରୋଗୀଙ୍କ ସହାୟକ ତଥା ଡାକ୍ତର ଏବଂ ନର୍ସଙ୍କ ସହିତ ଉନ୍ନତମାନର ଚିକିତ୍ସା ପ୍ରଦାନ କରିବା ବିଷୟରେ ଆଲୋଚନା କରିଥିଲେ। ଏହାପରେ ସେ ସୁନ୍ଦରଗଡ଼ର ମହେଶଡିହିସ୍ଥିତ ସ୍ୱୟଂଚାଳିତ ଫିଟ୍‌ନେସ୍ ପରୀକ୍ଷଣ କେନ୍ଦ୍ର ଓ ସ୍ୱୟଂଚାଳିତ ଡ୍ରାଇଭିଂ



ପରୀକ୍ଷଣ କେନ୍ଦ୍ର ବୁଲି ଦେଖିବା ପରେ କିଛି ସମୟ ପାଇଁ ସୁନ୍ଦରଗଡ଼ ସର୍କିଟ ହାଉସ୍‌ଠାରେ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ସର୍କିଟ୍‌ହାଉସରୁ ରାଉରକେଲା ଗସ୍ତରେ ଯିବା ପୂର୍ବରୁ ଝାଗରପୁରସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ହିତାଧିକାରୀ ମାଆ ଓ ଶିଶୁମାନଙ୍କୁ ଅଙ୍ଗନବାଡି କେନ୍ଦ୍ରରୁ ମିଳୁଥିବା ସେବା ବିଷୟରେ ପଚାରି ବୁଝିଥିଲେ। ସେହିପରି କୁଆଁରମୁଣ୍ଡା ସ୍ଥିତ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ଟ୍ରକ୍ ଟର୍ମିନାଲ ପାଇଁ ଚିହ୍ନଟ ହୋଇଥିବା ଜାଗା ପରିଦର୍ଶନ କରିଥିଲେ। କ୍ଷେତ୍ର ପରିଦର୍ଶନ ସମୟରେ, ଉପ-ଜିଲ୍ଲାପାଳ ସଦର ତେଜସ୍ୱନୀ ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଆରଟିଓ ମାନା ସିଂହ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ରାଉରକେଲା ମହାନଗର ନିଗମ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଜିଲ୍ଲାରେ ବିଭିନ୍ନ ସରକାରୀ ଯୋଜନାର ରୂପାୟନ ସମ୍ପର୍କରେ ଶ୍ରୀ ରାଜପୁତଙ୍କୁ ଅବଗତ କରାଇଥିଲେ। ସେ ବିଭାଗୀୟ ଅଧିକାରୀମାନଙ୍କୁ ଯୋଜନାର ସଫଳ ରୂପାୟନ ଓ ଏହାର ଲାଭ କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବ ସେ ବିଷୟରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହି ବୈଠକରେ ବଣାଇଁ ଉପ-ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଜିଲ୍ଲାର ସମସ୍ତ ଡି.ଏଫ୍.ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ




**ରାଉରକେଲା, ୨୦।୩(ସମିସ):** ରାଉରକେଲାର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି (ଟୋଲିକ୍) ର ଅର୍ଦ୍ଧବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ଅଞ୍ଚଳରେ ଅବସ୍ଥିତ କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ, ବିଭାଗ, କାର୍ଯ୍ୟାଳୟ, ସରକାରୀ ଉଦ୍ୟୋଗ, ବ୍ୟାଙ୍କ, ବୀମା କମ୍ପାନୀ, ପ୍ରତିଷ୍ଠାନ ଇତ୍ୟାଦିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଖଣି ଉନ୍ନୟନ-ସିଏମ୍‌ଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି.କେ. ଗିରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କୋଲକାତା ସ୍ଥିତ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ ରାଜଭାଷା (କାର୍ଯ୍ୟାନ୍ୱୟନ) ର ଉପନିର୍ଦ୍ଦେଶକ ଡ. ବିଚିତ୍ରସେନ ଗୁପ୍ତା ଏବଂ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗର ଜିଏମ୍ ତଥା ସଞ୍ଚାର ମୁଖ୍ୟ ଏବଂ ଟୋଲିକର ସଦସ୍ୟ ସଚିବ ଅର୍ଚ୍ଚନା ସତପଥୀ ମଞ୍ଚାସୀନ ଥିଲେ। ବିଏସ୍‌ଏନ୍‌ଏଲ୍‌ର ଜିଏମ କେ.ଏନ୍. ରାୟ, ଏନ୍‌ଆଇଟି ରାଉରକେଲାର କୁଳସଚିବ ରୋହନ ଧିମାନ, କେନ୍ଦ୍ରୀୟ ଉତ୍ପାଦ ଶୁଳ୍କର ସହକାରୀ ନିର୍ଦ୍ଦେଶକ କେ.କେ. ସିଂହ, ସିଆଇଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦୟାଲ ରାମ, ମୁଖ୍ୟ ଡାକଘର ଅଧୀକ୍ଷକ ଶ୍ୟାମସୁନ୍ଦର ମହାରଣା ଏବଂ ବିଭିନ୍ନ କେନ୍ଦ୍ରୀୟ ସରକାରୀ / ପିଏସୟୁ ସଂଗଠନ ଯଥା ରାଉରକେଲା ଇସ୍ପାତ କାରଖାନା, ସିଆଇଏସଏଫ, ବିଏସଏନଏଲ, ଇଏସଆଇସି ହସ୍ପିଟାଲ, କେନ୍ଦ୍ରୀୟ ବିଦ୍ୟାଳୟ, ରାଉରକେଲା, ଜବାହାର ନବୋଦୟ ବିଦ୍ୟାଳୟ, ଦେବଗଡ଼, ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ ଜଳ ଆୟୋଗ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡିଟିଏନବିଡବ୍ଲୁଇଇଡି, ଏନ୍‌ଆଇଟି, ରାଉରକେଲା, ପାୱାର ଗ୍ରୀଡ୍, ଇପିଏଫଓ, ଏଲଆଇସି, ମୁଖ୍ୟ ଡାକଘର, ଦୂରଦର୍ଶନ, କେନ୍ଦ୍ରୀୟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମେକନ୍, କାନାରା ବ୍ୟାଙ୍କ, ସେଲ୍‌ଫ- ବିଏସଓ ଏବଂ ସେଲ୍‌ଫ-ସିଇଟି ଇତ୍ୟାଦିର ୩୦ରୁ ଊର୍ଦ୍ଧ୍ୱ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଡ. ଗୁପ୍ତା ହିନ୍ଦୀକୁ ରାଜଭାଷା ଭାବରେ ବ୍ୟବହାର କରିବା ସହିତ ଜଡିତ ବିଭିନ୍ନ ବୈଧାନିକ ଧାରା ଉପରେ ଆଲୋଚନା କରିଥିଲେ। ସେ ସଦସ୍ୟମାନଙ୍କୁ ହିନ୍ଦୀରେ କାର୍ଯ୍ୟ ପରିମାଣ ବୃଦ୍ଧି କରିବାକୁ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ନୋଟିଂ ଏବଂ ସମୟୋଚିତ ରିପୋର୍ଟିଂ ଢାଞ୍ଚାରେ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ସେ ବିଭିନ୍ନ ସଦସ୍ୟ ସଂଗଠନର ରିପୋର୍ଟ ଗୁଡିକର ସମୀକ୍ଷା ମଧ୍ୟ କରିଥିଲେ। ଅର୍ଚ୍ଚନା ଶତପଥୀ ତାଙ୍କ ସ୍ୱାଗତ ଭାଷଣରେ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ବ୍ୟବହାର ଏବଂ ପ୍ରାଚୁର୍ଯ୍ୟତାକୁ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସଦସ୍ୟ ସଂଗଠନଗୁଡ଼ିକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ରାଜଭାଷା ନିର୍ଦ୍ଦେଶାଳୟର ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସଦସ୍ୟ ସଂଗଠନର ପ୍ରତିନିଧିମାନେ ସେମାନଙ୍କର ସଂକ୍ଷିପ୍ତ କାର୍ଯ୍ୟକଳାପ ରିପୋର୍ଟ ମଧ୍ୟ ଉପସ୍ଥାପନ କରିଥିଲେ। ଆର୍‌ଏସ୍‌ପିର ରାଜଭାଷା ଅଧିକାରୀ ଲୋଲାଟି ଟପ୍ପୋ ବିଗତ ବର୍ଷର ବିବରଣୀ ଉପରେ ଆଧାରିତ ଅନୁପାଳନ ରିପୋର୍ଟ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏନ୍‌ଆଇଟି ରାଉରକେଲାର ରବି ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଉରକେଲା, ୨୦।୩ (ସମିସ):** ରାଜଗାଙ୍ଗପୁରସ୍ଥିତ ସରସ୍ୱତୀ ଦେବୀ ମହିଳା ମହାବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ଡ. ମୁରଲୀଧର ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଲେ ଯେ, ଗୁଣାତ୍ମକ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ପ୍ରଯୁକ୍ତି ବିଦ୍ୟା ଉପରେ ଅଧିକ ଧ୍ୟାନ ଦେବାଉପରେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ମହାବିଦ୍ୟାଳୟର ବିଭିନ୍ନ କକ୍ଷ, ଲାଇବ୍ରେରୀ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିବା ସହିତ ପୂର୍ବରୁ ଆବେଦନ କରିଥିବା ଇଂରାଜୀ ଓ ହିନ୍ଦୀ ସମ୍ମାନ ଓ ଯୁକ୍ତ ୩ରେ ବାଣିଜ୍ୟ ବିଭାଗ ଖୋଲିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ, ଭୁବନେଶ୍ୱରର ଉପ ସଚିବ ଡକ୍ଟର ଯଶୋବନ୍ତ ସାମଲ ତାଙ୍କ ବକ୍ତବ୍ୟରେ ଶିକ୍ଷା ସହିତ ବ୍ୟବହାରିକ ଶିକ୍ଷା ବିଷୟରେ ଗୁରୁତ୍ୱ ଆରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମାଳୟା ସାମଲ ଯୋଗ ଦେଇ କହିଲେ ଯେ ଜୀବନର ଲକ୍ଷ୍ୟ ପାଇବାକୁ ହେଲେ ସଂଘର୍ଷ, ନିଷ୍ଠା ଓ କଠିନ ଅଧ୍ୟବସାୟ ନିହାତି ଅନିବାର୍ଯ୍ୟ ଏବଂ ଏକ ଶୃଙ୍ଖଳିତ ଛାତ୍ରୀ ଜୀବନ ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପୃଷ୍ଠ ପୋଷାକ ଗୌରୀ ଶଙ୍କର ଅଗ୍ରୱାଲ ଛାତ୍ରୀ ମାନଙ୍କୁ ଆଶୀର୍ବାଦ ଦେବା ସହିତ ଛାତ୍ରୀମାନେ କିପରି ନିଜର ଦକ୍ଷତା ହାସଲ କରିବା ସହିତ କଲେଜ ତଥା ରାଜ୍ୟର ସୁନାମ ଆଣିପାରିବେ ସେଥିପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଛାତ୍ରୀମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। କଲେଜର ଅଧ୍ୟାପକ ସପନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଆକାଂକ୍ଷା ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା କୁସୁମ ବୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ କର୍ମଚାରୀ ବାର୍ଷିକ ଉତ୍ସବରେ ଯୋଗଦେଇ ଉତ୍ସବକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିବାରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।




# ପାନପୋଷ ସରସ୍ୱତୀ ଶିଶୁ ମନ୍ଦିରରେ ବିଦାୟ ସମ୍ବର୍ଦ୍ଧନା

**ରାଉରକେଲା, ୨୦।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପାନପୋଷ ଠାରେ ୨୦୨୫-୨୬ ଶିକ୍ଷାବର୍ଷର ଅଷ୍ଟମଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଉପ-ସଭାପତି ଚନ୍ଦନଲାଲ ଅଗ୍ରୱାଲ, ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ ଓ କୋଷାଧ୍ୟକ୍ଷ ବସନ୍ତ କୁମାର ତନ୍ତୀ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟା ଉଷାରାଣୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ପିଲାମାନଙ୍କୁ ଶୁଭକାମନା ଜଣାଇବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିରଜା ମୋହିନୀ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।



## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା

# ପୁଲିସକୁ ଟଣାଓଟରା ଅଭିଯୋଗରେ ୧୧ ଗିରଫ

**ଲହୁଣୀପଡ଼ା, ୨୦।୩(ସମିସ):** ଲହୁଣୀପଡ଼ା ଥାନା ଅଧୀନ ମୁଚୁରନାଳିରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ପୁଲିସକୁ ଟଣାଓଟରା ସହ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ୧୧ ଯୁବକଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ଗତମାସ ୧୪ ତାରିଖରେ ଲହୁଣୀପଡ଼ା ଥାନା ରାଜ୍ୟ ରାଜପଥ ୧୦(କ) ତଥା ଜିଲ୍ଲା ବ୍ଲକ ଏବଂ ସଦରମହକୁମା ସୀମାବର୍ତ୍ତୀ ଗାଁ ମୁଚୁନାଳି ଠାରେ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସକୁ ଟଣାଓଟରା କରି ପୁଲିସ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଯାହାକୁ ନେଇ ପୁଲିସ ମାମଲା ରୁଜୁ କରି ୧୧ ଜଣକୁ ଚିହ୍ନଟ କରି ଗତକାଲି ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ମଧ୍ୟରେ ସିଆଳି କୁଦର ଗ୍ରାମର ମିଥୁନ ମୁଣ୍ଡା, ରଞ୍ଜନ କିଷାନ, ଅଶିତ କିଷାନ, ମୁଚୁରନାଳି ଗ୍ରାମର ଦିନେଶ କୁମାର କିଷାନ, ମୁରଲୀଧର କିଷାନ, ସନ୍ତୋଷ ମୁଣ୍ଡା, ଲକ୍ଷ୍ମଣ ମୁଣ୍ଡା, ଗାମିଆ ମୁଣ୍ଡା ରହିଥିବାବେଳେ ପାର୍ଶ୍ୱବର୍ତ୍ତୀ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅଞ୍ଚଳର ହରେକୃଷ୍ଣପୁର ଗ୍ରାମର ପବିତ୍ର ମାହାନ୍ତ, ଅର୍ଜୁନ ମାହାନ୍ତ ଏବଂ ହୃଷିକେଷ ମାହାନ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା।

# ଘରୁ ଗ୍ୟାସ୍ ସିଲିଣ୍ଡର ଚୋରି

**ରାଉରକେଲା, ୨୦।୩ (ସମିସ):** ଘର ଭିତରେ ଲୋକେ ଥିବାସତ୍ତ୍ୱେ ଅତିଚାଲାକିରେ ଦୁର୍ବୃତ୍ତମାନେ ଗ୍ୟାସ ସିଲିଣ୍ଡର ଚୋରି କରି ନେଇଛନ୍ତି। ସେକ୍ଟର -୨ ଏ/୨୧ କ୍ୱାର୍ଟର୍ସରେ ଏହି ଘଟଣା ଘଟିଛି। ସୂଚନା ମୁତାବକ, ଉକ୍ତ ଘରେ ସଚ୍ଚିଦାନନ୍ଦ ନନ୍ଦୀ ପରିବାର ବାସ କରନ୍ତି। ସେ ଓ ତାଙ୍କ ପତ୍ନୀ କାମକୁ ଯାଇଥିବା ବେଳେ ଘରେ ବୃଦ୍ଧ ବାପା ମାଆ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ଭିତରକୁ ପଶି ସିଲିଣ୍ଡର ଚୋରି କରି ଫେରାର ହୋଇଯାଇଥିଲେ। ପରେ ସିଲିଣ୍ଡର ଥିବା ସ୍ଥାନ ଖାଲି ଥିବାରୁ ସନ୍ଦେହ ପ୍ରକାଶ ପାଇଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରିବା ପରେ ଚୋରି ହୋଇଥିବା ଜଣାପଡ଼ିଥିଲା। ଏନେଇ ଶ୍ରୀ ନନ୍ଦୀ ସେକ୍ଟର -୩ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ବର୍ତ୍ତମାନ ବଜାରରେ ଗ୍ୟାସ୍ ସିଲିଣ୍ଡର ମହଙ୍ଗା ମାଡ଼ ସହ ଉପଲବ୍ଧ ରହୁନି। ଫଳରେ ଚୋରି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଲୋକେ ଏ ଦିଗ ପ୍ରତି ସତର୍କ ରହିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# କୁନି ବୟସରେ ପେଟଚିନ୍ତା; ଶୈଶବ ହଜାଇ ଦେଲାଣି ଅଭାବ

**କୋଇଡ଼ା, ୨୦।୩ (ସମିସ):** କୋଇଡ଼ା ଖଣିକ୍ଷେତ୍ରର ଅନେକ ଗ୍ରାମର ଶୈଶବ ଏବେ ଚର୍ମ ରୋଗ, ଅପପୁଷ୍ଟି, ଦାରିଦ୍ର୍ୟତାର କୋଷାଘାତରେ ପ୍ରତାରିତ। ଯେଉଁ ବୟସରେ ବାପା କାନ୍ଧରେ ବସି ଦୁନିଆ ଦେଖିବା କଥା ସେହି ବୟସରେ ପେଟ ଚିନ୍ତା ଘାରିଛି। ଶୈଶବ କ'ଣ ଜାଣିବା ପୂର୍ବରୁ ଘରର ଆର୍ଥିକ ବୋଝକୁ ମୁଣ୍ଡାଇ ନେଉଛନ୍ତି। ପୂର୍ବରୁ ଜଣେ ଛୋଟ ପିଲା ପତ୍ର ଚାଟିବାର ଫୋଟୋ ଭାଇରାଲ ହୋଇଥିବାବେଳେ ଏକ ଶିଶୁ ମଦବୋତଲ ବୋଝେଇ କରି ଦୋକାନରେ ପହଞ୍ଚାଉଥିଲା ଭିଡିଓ ମଧ୍ୟ ଆସିଥିଲା। ଏହି ଖଣି ଅଞ୍ଚଳରେ ଏହିଭଳି ଅନେକ କୁନିକାନ୍ଧ କେଉଁ ଗ୍ୟାରେଜ କିମ୍ବା ହୋଟେଲରେ କାମ କରୁଥିବା ଦେଖିବାକୁ ମିଳିଯିବ। ଏହିଭଳି ଏକ ଉଦାହରଣ ଟେନ୍‌ସା ଅଞ୍ଚଳରେ ଦେଖିବାକୁ ମିଳିଛି। ବାପା ଲୋଚନ ଲୋହାରଙ୍କ କିଛିବର୍ଷ



ପୂର୍ବେ ମୃତ୍ୟୁ ଘଟିବାପରେ ଦିବ୍ୟାଙ୍ଗ ଶିବ ଲୋହାର (୭) ବସ୍ ଷ୍ଟାଣ୍ଡରେ ଭିକମାଗି ନିଜର ପେଟ ପୋଷୁଛି। କେହେ କିଛି ଖାଇବାକୁ ଦେଲେ ଖାଏ ନହେଲେ ଉପାସରେ ରହିଯାଏ। ଦେଢ଼ବର୍ଷ ତଳେ ଏକ ସଂସ୍ଥା ଦ୍ୱାରା ଶିବକୁ କୋଇଡା ଠାରେ ଦେଖାରଖା ସହ ପାଠ ପଢ଼ାଇବା ବ୍ୟବସ୍ଥା କରାଯାଇଥିଲା। ଶିବର ପଢ଼ିବାର ଇଚ୍ଛା ଥିଲେ ମଧ୍ୟ ଉକ୍ତ ସଂସ୍ଥା ବନ୍ଦ ହୋଇଯିବାରୁ ପୁଣି ଶିବ ପରପାଖରେ ହାତ ପାତୁଛି। ସରକାରୀସ୍ତରରେ ସୁବିଧା ସହଯୋଗ ଯୋଗାଇ ଦେବାକୁ ଅନୁରୋଧ କରାଯାଇଛି।

## ଏନ୍‌ଆଇଟିରେ ୬ଷ୍ଠ ଯୁବ ସଙ୍ଗମ ପର୍ଯ୍ୟାୟ କାର୍ଯ୍ୟକ୍ରମ

# ଗୁଜୁରାଟ ଓ ପଶ୍ଚିମ କେନ୍ଦ୍ରଶାସିତ ଅଞ୍ଚଳ ସହ ଯୁବ ବିନିମୟକୁ ସହଜ କରିବ

**ରାଉରକେଲା, ୨୦।୩(ସମିସ)**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ 'ଏକ ଭାରତ ଶ୍ରେଷ୍ଠ ଭାରତ' ପଦକ୍ଷେପ ଅଧୀନରେ ଏକ ପ୍ରମୁଖ ଯୁବ ବିନିମୟ କାର୍ଯ୍ୟକ୍ରମ ଯୁବ ସଙ୍ଗମ ପର୍ଯ୍ୟାୟ-୬ଷ୍ଠ କାର୍ଯ୍ୟକ୍ରମ ଗୁଜୁରାଟ ଏବଂ ପଶ୍ଚିମ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ସହିତ ଓଡ଼ିଶା ଯୁବ ବିନିମୟକୁ ଏନଆଇଟି ରାଉରକେଲା ଆହୁରି ସହଜ କରିବ। ଏଥିପାଇଁ ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନଆଇଟି) ରାଉରକେଲାକୁ ଓଡ଼ିଶାରୁ ନୋଡାଲ୍ ପ୍ରତିଷ୍ଠାନ ଭାବରେ ମନୋନୀତ କରାଯାଇଛି। ଏହା ଭାରତୀୟ ପ୍ରବନ୍ଧନ ସଂସ୍ଥାନ ଅହମ୍ମଦାବାଦ ସହିତ ସହଯୋଗରେ କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିବ, ଯାହାକି ଗୁଜରାଟ, ଦାଦ୍ରା ଏବଂ ନଗର ହାଭେଲି ଏବଂ ଦାମନ ଏବଂ ଦିଉ ପାଇଁ ନୋଡାଲ୍ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରୁଛି। ସୂଚନାଯୋଗ୍ୟ ଯେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ଯୁବ ସଙ୍ଗମ ୧୮-




୩୦ ବର୍ଷ ବୟସ ବର୍ଗର ଯୁବପିଢ଼ିଙ୍କ ପାଇଁ ସଂରଚିତ ଶିକ୍ଷାଗତ ଏବଂ ସାଂସ୍କୃତିକ ବିନିମୟ ପରିଦର୍ଶନକୁ ସହଜିକରଣ କରିଥାଏ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଛାତ୍ର, ଏନ୍‌ଏସ୍‌ଏସ୍ ଏବଂ ଏନୱାଇକେଏସ୍ ସ୍ୱେଚ୍ଛାସେବକ ଏବଂ ଯୁବ ବୃତ୍ତିଗତ ସାମିଲ ଅଛନ୍ତି। କାର୍ଯ୍ୟକ୍ରମର ସରକାରୀ ପୋର୍ଟାଲ୍ ମାଧ୍ୟମରେ ଯୁବ ସଙ୍ଗମ ପର୍ଯ୍ୟାୟ - ଷଷ୍ଠ ପାଇଁ ପଞ୍ଜୀକରଣର ଶେଷ ତାରିଖ ମାର୍ଚ୍ଚ ୨୫ ରଖାଯାଇଛି। ଏନ୍‌ଆଇଟି ରାଉରକେଲାର ସହାୟକ ପ୍ରଫେସର ୱିନୀ ରାଉତରାୟ ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶାରୁ ନୋଡାଲ୍ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ରେ ଏନ୍‌ଆଇଟି ରାଉରକେଲା ଯୁବ ସଙ୍ଗମର ପାଇଲଟ୍ ପର୍ଯ୍ୟାୟର ଏକ ଅଂଶ ଥିଲା, ଯାହା ଓଡ଼ିଶା ଏବଂ ସିକିମ ମଧ୍ୟରେ ଏକ ଆଦାନପ୍ରଦାନକୁ ସହଜ କରିଥିଲା; ଯାହା ଯୁବପିଢ଼ିଙ୍କ ମଧ୍ୟରେ ଅଭିଜ୍ଞତାମୂଳକ ଶିକ୍ଷା ଏବଂ ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବାରେ କାର୍ଯ୍ୟକ୍ରମର ଭୂମିକାକୁ ଉଜ୍ଜ୍ୱଳ କରିଥିଲା। ବିଶେଷକରି ପାଞ୍ଚଟି ବିଷୟବସ୍ତୁ ପର୍ଯ୍ୟଟନ, ପରମ୍ପରା ଏବଂ ସଂସ୍କୃତି, ପ୍ରଗତି, ପରସ୍ପର ସମ୍ପର୍କ ସ୍ଥାପନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଆଦି ଉପରେ ଏହି ପ୍ରୟାସ ଅଂଶଗ୍ରହଣକାରୀଙ୍କୁ ଜାତୀୟ ଶିକ୍ଷା ନୀତି-୨୦୨୦ର ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖିବା ସହ ସାଂସ୍କୃତିକ ଐତିହ୍ୟ, ଶାସନ ଅଭ୍ୟାସ, ପ୍ରଯୁକ୍ତିବିଦ୍ୟା ପରିବେଶ ଏବଂ ତୃଣମୂଳସ୍ତରୀୟ ସମ୍ପର୍କକୁ ସୁଦୃଢ଼ କରିବ।

# ସ୍କାନଷ୍ଟିଲରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**କୁତ୍ରା, ୨୦।୩ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ବୁଢ଼ାକଟାଠାରେ ଥିବା ସ୍କାନଷ୍ଟିଲରେ ଶୁକ୍ରବାର ଏକ ମେଗା ସ୍ୱାସ୍ଥ୍ୟ




ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରଟି କାରଖାନାର ଚେୟାରମ୍ୟାନ ରାଜେଶ ଗଗୋଡିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ରାଉରକେଲା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରୁ ଡ. ଉମେଶ କୁମାର ସିଂ, ଡ. ସୁଧାଂଶୁ ଶେଖର ମହାପାତ୍ର, , ଡ. ଅକ୍ଷୟ ସାହୁ, ଡ. ଅନନ୍ୟା ମହାପାତ୍ର, ସନ୍ଦୀପ ଭୋଇ, ପ୍ରିତି କୁମାରୀ ପାତ୍ର ଓ ସୁଜାତା ଲାକ୍ରା ପ୍ରମୁଖ ଉପସ୍ଥିତ ରହି କାରଖାନାର ପାଖାପାଖି ୩୨୩ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କାରଖାନାର ନିର୍ଦ୍ଦେଶକ ଅଙ୍କୁର ମଦନ ଏହି ଶିବିରର ଶୁଭାରମ୍ଭ କରିଥିବା ବେଳେ ଉକ୍ତ ଶିବିରରେ ଜେନେରାଲ ମ୍ୟାନେଜର ସୌରଭ ସେନଗୁପ୍ତା, ମ୍ୟାନେଜର ଦିପକ ଶର୍ମା, ଅଭୟ ସିଂ, ଏଚ୍‌ଆର ମ୍ୟାନେଜର ପ୍ରଭୁରାମ ଦେ, ସେଫ୍‌ଟି ଅଫିସର ସରୋଜ ମହାକୁଡ଼, ସୁବାସ ମଲ୍ଲିକ ଓ କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ କାରବାରରେ ୨ ମହିଳାଙ୍କ ସମେତ ୪ ଗିରଫ





**ତରଭା,୨୦।୩(ସମିସ):** ଗଞ୍ଜେଇ ଚୋରା କାରବାରରେ ସମ୍ପୃକ୍ତ ୨ ମହିଳା ସହ ଜଣେ ପୁରୁଷଙ୍କୁ ତରଭା ପୁଲିସ ଗିରଫ କରିଛି। ଏମାନେ ହେଲେ ଫୁଲବାଣୀ ନୂଆସାହିର ଆଶୁତୋଷ ଦିଗାଲ(୧୯), ଫୁଲବାଣୀ ସଦର ଥାନା ବିଶିପଡାର ରଜନି କହି (୧୮) ଓ ମିତା ମଲ୍ଲିକ (୧୯)। ଆବଶ୍ୟକ ତଦନ୍ତ ପରେ ଏମାନଙ୍କୁ ସୋନପୁର କୋର୍ଟକୁ ପଠାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ୩ଜଣଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

କୌଣସି ସୂତ୍ରରୁ ଖବର ପାଇ ତରଭା-କନ୍ଧମାଳ ରାସ୍ତାର ଦେଓଗାଁ ଛକରେ ପୁଲିସ ଏକ କାର (ଓଡି ୩୩ ଏ ଏଫ ୪୪୦୮)କୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରୁ ଗଞ୍ଜେଇ ଭର୍ତ୍ତି ବସ୍ତା ବାହାରି ଥିଲା। ଗାଡିରେ ବସିଥିବା ଆଶୁତୋଷ, ରଜନି ଓ ମିତାକୁ ପୁଲିସ ଧରିଥିଲା। ଗାଡିରେ ଥିବା ଅନ୍ୟ ୨ ଜଣ ଯୁବକ ଘଟଣା ସ୍ଥଳରୁ ଫେରାର ମାରିଥିଲେ। ପରେ ଘଟଣା ସ୍ଥଳରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ ପହଞ୍ଚି ଥିଲେ। ମାଜିଷ୍ଟ୍ରେଟ୍ ଭାବେ ଅତିରିକ୍ତ ତହସିଲଦାର ଦୀପ୍ତିମୟି ଭୁଏ ମଧ ସେଠାରେ ପହଞ୍ଚିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ୨୧କେଜି ୯୯୦ଗ୍ରାମ ହୋଇଥିଲା। ଏହି ଚଢଉରେ ଆଇଆଇସିଙ୍କ ସହ ଏଏସଆଇ ସୁଧୀର ଜେନା, ହାବିଲଦାର ଶୁଭେନ୍ଦୁ ଥାଟି, ଦେବକି ପଧାନ, ବନିତା କର୍ମି, ପରମାନନ୍ଦ ପଧାନ ପ୍ରମୁଖ ସାମିଲ ହୋଇଥିଲେ।

**କନ୍ଧମାଳ:** ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ପୁଲିସ ମଧ ଗଞ୍ଜେଇ କାରବାରରେ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ରାଉରକେଲାର ଅନୁପ କିରୋ। ସେ ଗଞ୍ଜେଇ ଧରି ଯାଉଥିବାବେଳେ କୌଣସି ସୂତ୍ରରୁ ଥାନା ଅଧିକାରୀ ବାସୁଦେବ ଭୋଇ ଖବର ପାଇଥିଲେ। କନ୍ଧମାଳ ଥାନା ସମ୍ମୁଖରେ ତାକୁ ସେ ଅଟକାଇବାକୁ ଚେଷ୍ଟା କରିଥିଲେ। ସେ କିନ୍ତୁ ଖସି ପଳାଇଥିଲା। ପୁଲିସ ତା ପିଛା କରି ଶେଷରେ ତାକୁ ଧରିଥିଲା। ତା ପାଖରୁ ୨ କୁଇଣ୍ଟାଲ ୯୬ କେଜି ଗଞ୍ଜେଇ ଜବତ ହୋଇଛି।

## ପଖାଳ ପରବ ପାଳିଲା ବୌଦ୍ଧ ଜିଲ୍ଲା ପ୍ରଶାସନ

**ବୌଦ୍ଧ,୨୦।୩(ସମିସ):** ବୌଦ୍ଧ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ପଖାଳ ଦିବସ ଅବସରରେ ପଖାଳ ପରବ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଟାଉନ ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ତହସିଲଦାର ଅନୀତା ସାହୁ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତେ ପଖାଳ ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଭୋଜନ କରିଥିଲେ।



## ସୁବର୍ଣ୍ଣପୁର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ






**ତରଭା,୨୦।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା କୋଷାଗାର ନିକଟରେ ସୁବର୍ଣ୍ଣପୁର ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି। ଜିଲ୍ଲା ଓ ସେସନ ଜଜ ଧନୁର୍ଦ୍ଧର ସେନାପତି ମୁଖ୍ୟଅତିଥି ଓ ଜିଲ୍ଲାପାଳ ଡ. ନୃପରାଜ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅଭିଯୋଜନ ଉପ ନିର୍ଦ୍ଦେଶକ ବେଣୁଧର ପ୍ରଧାନ, ପବ୍ଲିକ ପ୍ରୋସିକ୍ୟୁଟର ମଧୁମିତା ଅମାତ୍ୟ, ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ଅଜିତ ବିଶି ଓ ଅବକାରୀ ଅଧିକାରୀ ପ୍ରବୀର ସାମଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନୂତନ ଭାବେ ଉଦ୍‌ଘାଟିତ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଗୃହର ଆବଶ୍ୟକତା ଓ ଉଭୟ ଆଇନଜୀବୀ ଓ ଅଭିଯୋଜନ ବା ପ୍ରସିକ୍ୟୁସନ୍ କାର୍ଯ୍ୟରେ ନିୟୋଜିତ ଅଧିକାରୀ, ମୁଦଲା, ଜନସାଧାରଣଙ୍କ କାର୍ଯ୍ୟରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁଦୃଢ ଓ ତ୍ୱରାନ୍ୱିତ କରିବା ଉପରେ ଅତିଥି ମାନେ ଉପସ୍ଥାପନ କରିଥିଲେ।

## ରାମପୁରରେ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଡୁଙ୍ଗୁରିପାଲି,୨୦।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ମଣ୍ଡଳ ରାମପୁରରେ ବିଜେପି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲା ବିଜେପି ସଭାପତି ବେଣୁଧର ଦାସ, ଜିଲ୍ଲା ଉପ ସଭାପତି ତଥା ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ସଂପାଦକ ବିଶ୍ୱମ୍ବର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଅଶୋକ ପୁଝାରୀ, ପୂର୍ବତନ ଜିଲ୍ଲା ସଭାପତି ବିଜୟ ମହାକୁର, ମଣ୍ଡଳ ସଭାପତି ଶ୍ରବଣ ଭୁଏ ପ୍ରମୁଖ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅତିଥିଗଣଙ୍କୁ ରାମପୁର ଶିବ ମନ୍ଦିରରେ ସ୍ୱାଗତ କରାଯାଇଥିଲା। ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଶହ ଶହ ବିଜେପି କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ରାମପୁର ଗ୍ରାମ ପରିକ୍ରମା କରିଥିଲେ।

ପରେ ରାମପୁର ମଣ୍ଡଳର କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଥିଲା। କଲ୍ୟାଣ ମଣ୍ଡପଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ବୀରେନ୍ଦ୍ର, କଠାର, ବିହାରୀ ମାଝୀ, ଅରକ୍ଷିତ ପଧାନ, ଗୋପଳ ମାଝୀ, ଅସୀମ ମେହେର, ଅମିତ ମାଝୀ, ସୁନୀଲ ପଧାନ, ବିଭୀଷଣ, ହରି, ନାରାୟଣ ବିଶ୍ୱାଳ, ପ୍ରଶାନ୍ତ ସାହୁଙ୍କ ସହ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଜହ୍ନାପଙ୍କ,୨୦।୩(ସମିସ):** ବୌଦ୍ଧ ବ୍ଲକ୍ ବଘିଆପଡା କଲ୍ୟାଣମଣ୍ଡପରେ ୨ଦିନ ଧରି ଚାଲିଥିବା ମୁଣ୍ଡାପଡା ମଣ୍ଡଳସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମଣ୍ଡଳ ସଭାପତି ରଞ୍ଜନ ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ପୂର୍ବତନ ଜିଲ୍ଲା ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି, ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ରମିଶ୍ର, ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବଘିଆପଡା ସରପଞ୍ଚ ଅନୁଜା ଦୀପ, ଯୁଗଳ ସାହୁ, ଜିଲ୍ଲା ପ୍ରଭାରୀ ରାଜୁ ମେହେର, ମୁଣ୍ଡାପଡା ମଣ୍ଡଳ ସମ୍ପାଦକ ପ୍ରଭଞ୍ଜନ ବାରିକ, ମନରଞ୍ଜନ ଦାସ, ସାଧାରଣ ସମ୍ପାଦକ ତଥାଗତ କର୍ଣ୍ଣ ପ୍ରମୁଖ ଯୋଗ ଦେଇଥିଲେ। ବୌଦ୍ଧ ଜିଲ୍ଲା ପ୍ରଭାରୀ ଗୋବିନ୍ଦ ଅଗ୍ରୱାଲ ତାଲିମ ଦେଇଥିଲେ। ସୁରେନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିମଳ ସାହୁ, ଦୀପିକା ନାଏକ, ପ୍ରତାପ କର୍ଣ୍ଣ, ଧରଣୀଧର ଲଉରିଆ, ଅଲେଖ ଭୋଇ, କଲ୍ୟାଣ ମହାଲିକଙ୍କ ସମେତ ବିଜେପି କର୍ମୀ ସହଯୋଗ କରିଥିଲେ।




## ଡୁଙ୍ଗୁରିପାଲି ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଡୁଙ୍ଗୁରିପାଲି,୨୦।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ଦ୍ୱାରା ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସରୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ପଦ୍ମିନୀ ଗୁରୁ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାକୁ +୩ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ପ୍ରୀତି ବାବୁ ପରିଚାଳନା କରିଥିଲେ। ଆଧାପିକା ସୁପ୍ରିୟା ଡୁଙ୍ଗଡୁଙ୍ଗ, +୩ ତୃତୀୟ ବର୍ଷର ଛାତ୍ର ମଧୁ ଜାଲ୍ ଓ ଛାତ୍ରୀ ଅମ୍ବିକା ନାଏକଭ୍‌କ ସହ ଦ୍ୱିତୀୟ ବର୍ଷ ଛାତ୍ରୀ ପ୍ରୀତି ପଣ୍ଡା ଓ ପ୍ରୀତି ବାବୁ ନିଜ ନିଜ ନିବନ୍ଧ ପଠନ କରିଥିଲେ। +୩ ପ୍ରଥମ ବର୍ଷ ଛାତ୍ରୀ ପୂର୍ଣ୍ଣିମା ବାଗ୍ ସ୍ୱାଗତ ଓ ଉଦ୍‌ଯାପନୀ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ହିନ୍ଦୁ ନବ ବର୍ଷ ଉତ୍ସବ



**ବୌଦ୍ଧ,୨୦।୩(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୌଦ୍ଧ ନଗର ତରଫରୁ ରାଷ୍ଟ୍ରୀୟ ନବ ବର୍ଷ ଅନୁଷ୍ଠିତ ହୋଇଯାଇଛି। ନଗର ସଂଘ ଚାଳକ ଡ଼ ସୁଦର୍ଶନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ପଶ୍ଚିମ ପ୍ରାନ୍ତ ଧର୍ମ ଜାଗରଣ ପ୍ରମୁଖ ବିକ୍ରମ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ନିରଞ୍ଜନ ମେହେର ଆଦ୍ୟ ସର ସଂଘ ଚାଳକ ପ୍ରଣାମ ଦେଇଥିଲେ। ଲକ୍ଷ୍ମୀକାନ୍ତ ଯାନି ଧ୍ୱଜା ରୋପଣ କରିଥିଲେ। ନଗର କାର୍ଯ୍ୟବାହ ଦିଲ୍ଲୀପ ସାହୁ ମଞ୍ଚ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଧରଣୀଧର ମେହେର, ବିଜୟ ସାହୁ, ପଦ୍ମଚରଣ ମେହେର, ନବୀନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୨୧କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

**ଡୁଙ୍ଗୁରିପାଲି,୨୦।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ମାଝୀମୁଣ୍ଡା ଯୁମୁକାଡୁଙ୍ଗୁରିରେ ଓଡ଼ିଶା ହିନ୍ଦୁ ଜାଗରଣ ସଂଘର ପକ୍ଷରୁ ହିନ୍ଦୁ ନବ ବର୍ଷ ପାଳନ ସହ ବୈଦିକ ରୀତି ଅନୁସାରେ ୨୧କୁଣ୍ଡୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁରେଶ ଆର୍ଯ୍ୟ ପୌରୋହିତ କରିଥିବା ବେଳେ ରାମକୁମାର ସେଠ ଭାଗବତ କଥା ପ୍ରବଚନ କରିଥିଲେ। ଏହି ଯଜ୍ଞ ମଣ୍ଡପରେ କର୍ତ୍ତା ଭାବେ ଯେମିନି ସାହୁ, ତାଙ୍କ ପତ୍ନୀ ମମତା ସାହୁ ମୁଖ୍ୟ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ୨୧ ଯୋଡ଼ି କର୍ତ୍ତା ଭାଗ ନେଥିଲେ।



## ନବୋଦୟ ପ୍ରବେଶିକା ପରୀକ୍ଷାରେ ସଫଳତା



**ହରଭଙ୍ଗା,୨୦।୩(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବୀରନରସିଂହପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ବୀରରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସିମରନ ବେହେରା ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ପଲସପାଟରେ ଚକ୍ଷୁ ଚିକିତ୍ସା ଓ ସଚେତନତା ଶିବିର

**ଜହ୍ନାପଙ୍କ,୨୦।୩(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ ପଲସପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡ଼ିଏ ଓ ଦେଶାଇ ଫାଉଣ୍ଡେସନର ମିଳିତ ସହଯୋଗରେ ଚକ୍ଷୁ ଚିକିତ୍ସା ଓ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡାପାଲି ମହାନଦୀ ନେତ୍ର ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଏହି ଶିବିରର ଚିକିତ୍ସା କରାଯିବା ସହ ସଚେତନ କରାଯାଇଥିଲା। ଏହି ଶିବିରରେ ମୁଣ୍ଡିପଦର ପଞ୍ଚାୟତର ୮ଟି ଗ୍ରାମରୁ ୨୦୩ ଜଣ ମହିଳା, ପୁରୁଷ ଓ ଶିଶୁ ଯୋଗ ଦେଇଥିଲେ। ଶିବିରରେ ପାଣ୍ଡପାଲି ମହାନଦୀ ନେତ୍ର ଚିକିତ୍ସାଳୟର ଡାକ୍ତର ମନଜ ସାହୁ, ଚନ୍ଦ୍ର ଶେଖର ନନ୍ଦ, ମହେଶ ବେହେରା ଯୋଗ ଦେଇ ସମସ୍ତଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ୨୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୩ ଜଣଙ୍କୁ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ପାଣ୍ଡପାଲି ନେତ୍ର ଚିକିତ୍ସାଳୟ ନିଆଯାଇଛି। ୱାଇସିଡ଼ିଏର ମହେଶ ମେହେର, ଜ୍ୟୋତ୍ସ୍ନା ମହାନନ୍ଦିଆ, ପିଣ୍ଟୁ ମେହେର, ବୁଲି ଦନ୍ତା, ରିତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ବିଡିଓଙ୍କ ଲମ୍ବସରୀ ପଞ୍ଚାୟତ ପରିଦର୍ଶନ



**ଶଗଡା,୨୦।୩(ସମିସ):** କନ୍ଧମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ ଆଜି ଲମ୍ବସରୀ ପଞ୍ଚାୟତର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ପିପଲପାଲି, ସାନ ରୁଣ୍ଡିମହୁଲ ଆଦି ବିଭିନ୍ନ ଗ୍ରାମ ପରିଦର୍ଶନ କରଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅସମ୍ପୂର୍ଣ୍ଣ ଘର ସବୁ ବୁଲି ଦେଖିଥିଲେ। ଘର ସମ୍ପୂର୍ଣ୍ଣ କରି ନ ଥିବା ହିତାଧିକାରୀଙ୍କ ସହିତ ବିଳମ୍ବର କାରଣ ସମ୍ପର୍କରେ ଆଲୋଚନା କରିଥିଲେ। ଖୁ ଶୀଘ୍ର ସମସ୍ତ ଆବାସ ଘର ସମ୍ପୂର୍ଣ୍ଣ କରିବାକୁ ହିତାଧିକାରୀଙ୍କୁ ତାଗିଦ କରିଥଲେ। ବିଡ଼ିଓଙ୍କ ସହ ସହକାରୀ ଯନ୍ତ୍ରୀ ଜୟ ମହନ୍ତ, ଯନ୍ତ୍ରୀ କାହ୍ନୁଚରଣ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋକୁଳ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶୂନ୍ୟ ପୁରଷ ଅଲେଖ ପରମବ୍ରହ୍ମଙ୍କ ନାମଯଜ୍ଞ



**ବୌଦ୍ଧ,୨୦।୩(ସମିସ):** ବୌଦ୍ଧ ସହର ନିକଟରେ ଥିବା ବଲାସିଙ୍ଗା ମହୁଲମୂଳ ମହିମା ଆଶ୍ରମଠାରେ ଚାଲିଥିବା ଶୂନ୍ୟ ପୁରୁଷ ଅଲେଖ ପରଂବ୍ରହ୍ମଙ୍କ ନାମଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ ଆବାହକ ଶ୍ରୀ ବ୍ରହ୍ମ ଅବଧୂତ କୁଳଧର ବାବା ଏବଂ ସାଧୁ କୃଷ୍ଣଚନ୍ଦ୍ର ବାବାଙ୍କ ତତ୍ତ୍ୱାବଧାନରେ ବଲାସିଙ୍ଗା ଗ୍ରାମବାସୀ ସହଯୋଗ କରିଥିଲେ। ଯଜ୍ଞରେ ବ୍ରହ୍ମ ଅବଧୂତ କିଶୋର ବାବା, ବ୍ରହ୍ମ ଅବଧୂତ ଉଦ୍ଧବ ଚରଣ ବାବା, ସାଧୁ ଶ୍ୟାମ ସୁନ୍ଦର ବାବା, ସାଧୁ କରୁଣାକର ବାବା, ସାଧୁ କିସାନ ବାବା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ

**ବୌଦ୍ଧ,୨୦।୩(ସମିସ):** ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ କମିରା ସିଂହାସିନି ମଠରେ ଗତ ୧୩ ତାରିଖରୁ ଚାଲିଥିବା ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଏହି ଭାଗବତ ସପ୍ତାହ ପାରାୟଣରେ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଭାଗବତ ପାରାୟଣ ଶ୍ରବଣ କରିଥିଲେ। ଏଥିରେ ବ୍ୟାସ ଭାବେ ପରେଶ ନନ୍ଦ ଭାଗବତ ପଠନ କରିଥିଲେ। କର୍ତ୍ତା ଭାବେ ଜିତେନ୍ଦ୍ର ବାଘ ଓ ତାଙ୍କ ପତ୍ନୀ ଜୟନ୍ତୀ ବାଘ ଦାୟିତ୍ୱ ନିର୍ବାହ କରିଥିଲେ। ବାବା ଅମ୍ବିକା ଦାଶ, ବାବା ଭୋଳା ଶଙ୍କର ଦାସଙ୍କ ତତ୍ତ୍ୱ।।ବିଧାନରେ ସପ୍ତାହେ ଧରି ଚାଲିଥିବା କାର୍ଯ୍ୟକ୍ରମରେ ମଠ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

● ବାସନ୍ତୀକ ପୂଜାର ଦ୍ୱିତୀୟ ଦିନ

## ବ୍ରହ୍ମଚାରଣୀ ବେଶରେ ଦର୍ଶନ ଦେଲେ ମାଁ ଚରଦେଇ



**ବିନିକା,୨୦।୩(ସମିସ):** ବିନିକା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଚରଦାସ୍ଥିତ ବାବା କପିଳେଶ୍ୱର ମନ୍ଦିର ପରିସରରେ ପୂଜା ପାଉଥିବା ମାଁ ଚରଦେଇଙ୍କ ବାସନ୍ତୀକ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଆଜି ମାଁ ଦ୍ୱିତୀୟ ଦିନରେ ବ୍ରହ୍ମ ଚାରିଣୀ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆଜି ପୀଠରେ ସୂର୍ଯ୍ୟପୂଜା, ପୀଠ ପୂଜା, ଷୋଡ଼ଶ ଉପଚାର, ସପ୍ତଚଣ୍ଡୀ ହୋମ ଆଦି କରାଯାଇଥିଲା। ଏଥିରେ ମୁଖ୍ୟ ପୂଜକ ଭାବେ ଭାସ୍କର ପୁରୋହିତ ଦାୟିତ୍ୱ ତୁଲାଉଛନ୍ତି। ସହଯୋଗୀ ପୂଜକ ଭାବେ ସୁବାସ ବଡ଼ପଣ୍ଡା, ରମେଶ ପୁରୋହିତ, ମୁକୁନ୍ଦ ପୁରୋହିତ, ସଞ୍ଜୀବ ପାଢ଼ୀ, ଶ୍ରୀନାଥ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। କର୍ତ୍ତା ଭାବେ ବୃହସ୍ପତି ଥନାପତି ଓ ତାଙ୍କ ପତ୍ନୀ ସବିତା ଥନାପତି ଦାୟିତ୍ୱ ତୁଲାଇଥିଲେ। ଟ୍ରଷ୍ଟ ବୋର୍ଡ ସଭାପତି ଅଶୋକ ପୃଷ୍ଟିଙ୍କ ସମେତ ଶାନ୍ତି ଥନାପତି, ରାମକୃଷ୍ଣ ଥନାପତି, ଗଣେଶ୍ୱର ଥନାପତି, ସତ୍ୟ ବଡ଼ମାଲି, ପ୍ରେମରାଜ ଷାଣ୍ଡ, ମନରଞ୍ଜନ ଥନାପତି, ମାଧ ବିଶି ପ୍ରମୁଖ ସହଯୋଗ କରିଥିଲେ।

ବଜରଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ଗୁଡ଼ିଆଲିକୁ ହରାଇ ହେଲେଇ ଚାମ୍ପିଅନ

**ବୌଦ୍ଧ,୨୦।୩(ସମିସ):** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ହାଇସ୍କୁଲ୍ ଖେଳ ପଡିଆରେ ଗତ ୧୬ ତାରିଖରୁ ଚାଲିଥିବା ବଜରଙ୍ଗୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଗୁଡ଼ିଆଲିକୁ ପରାସ୍ତ କରି ହେଲଇ ଦଳ ଟାଇଟଲ ହାସଲ କରିଛି। ଫାଇନାଲ ମ୍ୟାଚ୍ ୩ ଫର୍ମାଟରେ ଅନୁଷ୍ଠିତ ହୋଇଥିଲା। ହେଲେଇ ଓ ଗୁଡ଼ିଆଲି ମଧ୍ୟରେ ପ୍ରଥମ ଫର୍ମାଟରେ ୮ ଓଭର ବିଶିଷ୍ଟ ମ୍ୟାଚରେ ଗୁଡ଼ିଆଲି ଦଳ ପ୍ରଥମେ ବ୍ୟାଟିଂ କରି ୫୬ ରନ୍ ଲକ୍ଷ୍ୟ ଦେଇଥିଲା। ହେଲେଇ ଦଳ ୫.୨ ଓଭରରେ ୫୭ ରନ୍ କରି ବିଜୟୀ ହୋଇଥିଲା। ଦିତୀୟ ଫର୍ମାଟରେ ଉଭୟ ଦଳ ୬ ଓଭରରେ ୬୬ ରନ୍ ଲେଖାଏଁ କରିଥିଲେ। ଏହା ଫଳରେ ମ୍ୟାଚ ଡ୍ର ରହିଥିଲା।

ତୃତୀୟ ଫର୍ମାଟରେ ୪ ଓଭର ବିଶିଷ୍ଟ ମ୍ୟାଚରେ ହେଲେଇ ପ୍ରଥମେ ବ୍ୟାଟିଂ କରି ୪ ଓଭରରେ ୨୪ ରନ୍ କରିଥିଲା। ଗୁଡିଆଲି ଦଳ ୩.୧ଓଭରରେ ୨୫ ରନ୍ କରି ବିଜୟୀ ହୋଇଥିଲା। ତୃତୀୟ ଫର୍ମାଟ ମ୍ୟାଚ୍‌ରେ ଗୁଡିଆଲି ଜିତିବାରୁ ମ୍ୟାଚ୍ ଡ୍ର ରହିଥିଲା। ଚତୁର୍ଥ ଫର୍ମାଟରେ ପ୍ରଥମେ ଟସ୍ ଜିତି ଗୁଡ଼ିଆଲି ଦଳ ନିର୍ଦ୍ଧାରିତ ୫ ଓଭରରେ ୫୬ ରନ୍ କରିଥିଲା। ହେଲେଇ ଦଳ ୪.୩ ଓଭରରେ ଆବଶ୍ୟକ ୫୭ ରନ କରି ଚାମ୍ପିଅନ ହୋଇଥିଲା। ଗଗନ ପ୍ରଧାନ, ବାଙ୍କ ବାଘ, ଜ୍ଞାନ ଭୂଷଣ କଲତା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଭାତ ଜେନା ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଟିଟୁ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ କୌଶିକ ମେହେର ଯୋଗ ଦେଇଥିଲେ। ଚାମ୍ପିଅନ ହେଲେଇ ଦଳକୁ ଟ୍ରଫି ସହ ୨୨୦୦ ଟଙ୍କା ଓ ରନର୍ସ ଗୁଡ଼ିଆଲି ଦଳକୁ ଟ୍ରଫି ସହ ୧୮୦୦ ଟଙ୍କା ଅର୍ଥ ରାଶି ପ୍ରଦାନ କରିଥିଲେ। ୩ ଦିନ ଧରି ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ବଜରଙ୍ଗୀ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।



# ଯୋଗାଣ ବିଭାଗର ଚଢ଼ଉ; ୨୮ ସିଲିଣ୍ଡର ଜବତ

**ବରଗଡ଼, ୨୦।୩(ସମିସ):** ଶୁକ୍ରବାର ଦିନ ଗୁଦେରପାଲି ଗ୍ରାମରେ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ବହୁ ପରିମାଣରେ ଇଣ୍ଡେନ ଏଲପିଜି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏହି ଅଭିଯାନ ସମୟରେ ମୋଟ ୨୮ଟି ସିଲିଣ୍ଡର ଜବତ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଗୁଦେରପାଲିର ଫକୀର ନାୟକଙ୍କ ଘରେ ଖାଦ୍ୟ ଓ ଯୋଗାଣ ବିଭାଗର ଟିମ୍ ଚଢ଼ଉ କରିଥିଲେ। ଅଭିଯାନ ସମୟରେ ଘର ଭିତରୁ ବହୁ ପରିମାଣରେ ଏଲପିଜି ସିଲିଣ୍ଡର ମିଳିଥିଲା। ଅବୈଧ ଭାବେ ଗ୍ୟାସ ସିଲିଣ୍ଡର ସଂଗ୍ରହ ଓ ବଣ୍ଟନ ହେଉଥିବା ସନ୍ଦେହରେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ଜଣାପଡ଼ିଛି। ଏହି ଚଢ଼ାଉରେ ଖାଦ୍ୟ ଓ ଯୋଗାଣ ବିଭାଗର ଏସିଏସଓ ସନ୍ତୋଷ ପଧାନ, ବରୁଣ ଦଳେଇ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏନେଇ ତଦନ୍ତ ଜାରି ରହିଛି ଓ ଯଦି କୌଣସି ଅନିୟମିତତା ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।



# ଆନ୍ଧ୍ରପ୍ରଦେଶରେ ବନ୍ଧା ପଡ଼ିଛନ୍ତି ଭାଇ-ଭଉଣୀ

**ବରଗଡ଼, ୨୦।୩(ସମିସ)**

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଜଗଦଲପୁର ଥାନା ଅନ୍ତର୍ଗତ ଜାମପାଲି ଗ୍ରାମର ଶୁକ୍ରୁ ସୁନା (୪୨) ଓ ଲଳିତା ସୁନା (୩୮)ଙ୍କ ପୁଅ ଦୀପକ ସୁନା (୧୭) ଓ ଝିଅ ଦୀପିକା ସୁନା (୧୨) ନୂଆଖାଇ ସମୟରେ ଦାଦନ ଖଟିବାକୁ ଅନ୍ଧ୍ରପ୍ରଦେଶକୁ ଯାଇ ସେଠାରେ ଇଟା ଭାଟି ମାଲିକ ପାଖରେ ବନ୍ଧା ପଡ଼ିଛନ୍ତି। ମହାସମୁନ୍ଦର ସର୍ଦ୍ଦାର ଗଣେଶରାମ ମାଣିକପୁରୀ ମାଧ୍ୟମରେ ସେମାନେ ରାଜମୁଣ୍ଡାରୀ ନିକଟବର୍ତ୍ତୀ ସୋମେଶ୍ୱରମ ଅଞ୍ଚଳର ଏକ ଇଟା ଭାଟିରେ ପହଞ୍ଚିଥିଲେ। ୩୦ ହଜାର ଟଙ୍କା ଅଗ୍ରିମ ନେଇଥିବାରୁ ଆଜି ଭାଟି ମାଲିକଙ୍କ ହାତରେ ବନ୍ଧକ ହୋଇ ରହିଛନ୍ତି ତାଙ୍କର ପୁଅ ଦୀପକ ଓ ଝିଅ ଦୀପିକା। ଖାଇବା ପାଇଁ ମଧ୍ୟ ଠିକ୍ ବ୍ୟବସ୍ଥା ନଥିବା ବେଳେ ତାଙ୍କ ବାପା ଦୂର ଗାଁରୁ ଫୋନ୍‌ପେ ମାଧ୍ୟମରେ ବହୁ କଷ୍ଟରେ ଟଙ୍କା ପଠାଇ ସେମାନଙ୍କୁ ବଞ୍ଚାଇ ରଖିଛନ୍ତି ବୋଲି ପରିବାର ପକ୍ଷରୁ କୁହାଯାଇଛି। ପରିବାରର ଅଭିଯୋଗ ଅନୁସାରେ, ୩୦ ହଜାର ଟଙ୍କା ବଦଳରେ ସେମାନେ ପ୍ରାୟ ୧ ଲକ୍ଷ ଇଟା ତିଆରି କରିଛନ୍ତି। ତଥାପି ହିସାବ ଅନୁଯାୟୀ ଆଉ ୨୦ ହଜାର ଟଙ୍କା ମିଳିବାକୁ ଥିବା ସତ୍ତ୍ୱେ ଭାଟି ମାଲିକ ସେମାନଙ୍କୁ ଆଉ ୬ ମାସ କାମ କରିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। ଏପଟେ ଗାଁରେ ସରକାରୀ ଯୋଜନାରେ ମିଳିଥିବା ଘର ଅଧୁରା ପଡ଼ିଛି। ଗ୍ରାମ ପଞ୍ଚାୟତ ଓ ବ୍ଲକ ପକ୍ଷରୁ ଘର ତିଆରି କାମ ସମ୍ପୂର୍ଣ୍ଣ କରିବାକୁ ପରିବାରକୁ ଘରକୁ ଡାକାଯାଇଛି। କିନ୍ତୁ ଘରର କାମ ଡିପିସି



**ସହାୟତା ପାଇଁ ପରିବାରର ନିବେଦନ**

ଲେଭେଲରେ ଅଟକି ରହିଛି। ଏକ ପଟେ ଘର ତିଆରି ପାଇଁ ଟଙ୍କା ନଥିବା ବେଳେ ଦୁଇ ପିଲା ବନ୍ଧକ ରହିଥିବା ଯନ୍ତ୍ରଣା ଅଧିକ ବଳି ପଡୁଥିବା ପରିବାର ସଦସ୍ୟ କହିଛନ୍ତି। ଏହି ଘଟଣାକୁ ନେଇ ସମାଜସେବୀ ଦୀପା ବାରିକ ଉଭୟ ଅନ୍ଧ୍ରପ୍ରଦେଶ ସରକାର ଓ ଓଡ଼ିଶା ସରକାରଙ୍କୁ ତତ୍କାଳ ହସ୍ତକ୍ଷେପ କରି ନିର୍ଦ୍ଦୋଷ ପିଲାମାନଙ୍କୁ ମୁକ୍ତ କରାଇବା ସହିତ ପରିବାରକୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି।

# ଧାରଣାରତ ଚାଷୀଙ୍କ ନିଆରା ପଖାଳ ଦିବସ




**ବରଗଡ଼, ୨୦।୩(ସମିସ):** ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିଶ୍ୱ ପଖାଳ ଦିବସ ଆନ୍ଦୋଳନରତ ଚାଷୀମାନେ ନିଆରା ଢଙ୍ଗରେ ପଖାଳ ଖାଇ ପାଳନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି, ଗତ ୧୧ ଦିନ ହେବ ପଞ୍ଜିକରଣରୁ ବାଦ ପଡ଼ିଥିବା ଚାଷୀମାନେ ଧାନ ରଖି ଦିବାରାତ୍ର ଧାରଣାରେ ବସିଛନ୍ତି। ଆଜି ବିଶ୍ୱ ପଖାଳ ଦିବସରେ ପଖାଳ ଖାଇ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରିବା ପାଇଁ ସଂକଳ୍ପ ନେଇଛନ୍ତି। ଆଜିର ଏହି ଅବସରରେ ସଂଯୁକ୍ତ କୃଷକ ସଂଗଠନ ଉପଦେଷ୍ଟା ରମେଶ ମହାପାତ୍ର, କଳାକାର ଦେହେରୀ, ବିଜୁ ସାହୁ, ଯାଦବ ସାହୁ, ନରେଶ ଦେହେରୀ, ଶ୍ରୀରାମ ବଗର୍ତ୍ତୀ, ଅଶୋକ ଦେହେରୀ, ପ୍ରସନ୍ନ ଦେହେରୀ, ଯୁଜୟ ସାହୁ ନେତୃତ୍ୱ ନେଇଥିଲେ।

**ରାଷ୍ଟ୍ରପତିଙ୍କୁ ଭେଟିଲେ ବୁଣାକାର ଚନ୍ଦନ**

# ପୁରୁଣା ବାନ୍ଧ କଳାର ପୁନରୁଦ୍ଧାର ନେଇ ଆଲୋଚନା

**ବରଗଡ଼, ୨୦।୩(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଗାଁର ବୁଣାକାର ଚନ୍ଦନ ମେହେର ଗତ ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ତାଙ୍କ ହାତ ବୁଣା ପାରମ୍ପରିକ ସମ୍ବଲପୁରୀ ଶାଢ଼ୀ ଦେଖାଇ ଥିଲେ। ରାଷ୍ଟ୍ରପତି ଏହାକୁ ଆଗ୍ରହ ସହ ଦେଖି ତାଙ୍କର ହାତବୁଣାକୁ ବହୁ ପ୍ରଶଂସା କରିଥିଲେ। ଆହୁରି ତୁମ ପରି ନୂତନ ଯୁବପିଢ଼ି ମଧ୍ୟ କିଭଳି ଏହି କାମରେ ଯୋଡ଼ି ରହିବେ ତା' ଉପରେ ଆଲୋଚନା କରିଥିଲେ। ପୁରୁଣା ବାନ୍ଧ କଳାକୁ କିଭଳି ପୁନରୁଦ୍ଧାର କରିହେବ ତା' ଉପରେ ଆଲୋଚନା କରିଥିଲେ ଶ୍ରୀ ମେହେର। ଓଡ଼ିଶା ପର୍ବ ୨୦୨୬ରେ ଯୋଗଦେବା ପାଇଁ ଚନ୍ଦନ ଓ ତାଙ୍କ ପିତା ହରିଶଙ୍କର ମେହେର ଦିଲ୍ଲୀ ଯାଇଥିଲେ। ଓଡ଼ିଶା ପର୍ବରେ ତାଙ୍କର ହାତ ବୁଣା ଶାଢ଼ୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଦେଖିଥିଲେ। ସେହି ଶାଢ଼ୀରେ ପଦ୍ମଶ୍ରୀ ହଳଧର ନାଗଙ୍କ ପାଞ୍ଚ ଅମୃତ କାବ୍ୟ ବୁଣା ହୋଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଦ୍ମ ଭୂଷଣ ସୁଦର୍ଶନ ସାହୁ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ବିଶିଷ୍ଟ ସମାଜସେବୀ ମୃଦୁଳା ପ୍ରଧାନ, ସମ୍ବଲପୁର ଆଇଆଇଏମ୍ ପ୍ରଫେସର ସୁଜିତ୍ ପୃଷେଠ ଏହି ଶାଢ଼ୀର ଉଚ୍ଚ ପ୍ରଶଂସା କରିଥିଲେ।



# ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ



**ବରଗଡ଼, ୨୦।୩ (ସମିସ):** ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ)ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏସନ୍ (ଓସମା)ର ଆହ୍ୱାନରେ ରାଜ୍ୟର ସମସ୍ତ ବ୍ଲକରେ କାର୍ଯ୍ୟରତ ଏପିଓମାନେ କଳା ବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଆରମ୍ଭ କରିଛନ୍ତି। ସଂଘର ଆହ୍ୱାନକୁ ସ୍ୱୀକାର କରି ବରଗଡ଼ ଜିଲ୍ଲା ସଂଘ ତରଫରୁ ଆଜି ଜିଲ୍ଲା ସଭାପତି କେତନ ପଧାନଙ୍କ ନେତୃତ୍ୱରେ ୧୨ଟି ବ୍ଲକର ଏପିଓମାନେ ଜିଲ୍ଲାପରିଷଦ କାର୍ଯ୍ୟାଳୟଠାରେ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି।

# ଏସ୍‌ପିଙ୍କୁ ଭେଟିଲେ ସାମ୍ବାଦିକ ଓ ବୁଦ୍ଧିଜୀବୀ



**ବରଗଡ଼, ୨୦।୩(ସମିସ):** ଆଜି ବରଗଡ଼ର କିଛି ସାମ୍ବାଦିକ ଓ ବୁଦ୍ଧିଜୀବିମାନେ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ପ୍ରହ୍ଲାଦ ସହାୟମୀନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ବରଗଡ଼ରେ ନିଶା କାରବାରକୁ ରୋକିବା ଉପରେ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଏସ୍‌ପି ଶ୍ରୀ ମୀନା ଆଗାମୀ ଦିନରେ ବରଗଡ଼କୁ ସମ୍ପୂର୍ଣ୍ଣ ଭାବେ ନିଶା ମୁକ୍ତ କରିବା ପାଇଁ ବଦ୍ଧପରିକର ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ ଜନ୍ ନିଉଟନ ସିଂହଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ତୁଳସୀ ଚରଣ ଦାଶ, ଚୈତନ୍ୟ ପାଇକ, ଡ. ଡୋଳାମଣୀ ଶତପଥୀ, ରାଜେଶ ବାରିକ, ସମାଜସେବୀ ମାମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ନବବର୍ଷରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ସୋହେଲା, ୨୦।୩ (ସମିସ):** ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହେଉଥିବା ବାସନ୍ତିକ ନବରାତ୍ର ଦୁର୍ଗାପୂଜା ଅବସରରେ ଗତକାଲି ମାଁ ଦୁର୍ଗାଙ୍କ ମନ୍ଦିରରେ ପୂଜା ଶୁଭାରମ୍ଭ ସହିତ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରସ୍ଥ ଚେତନା ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା କମିଟି ଉପସଭାପତି ବଲବୀର ସିଂ ଠାକୁର, ଗିରଜେଶ ଖାଡଙ୍ଗା, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ବରିଷ୍ଠ ସଦସ୍ୟ ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଶିବାନୀ ଲାଲ ମଞ୍ଚାସୀନ ଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ନଅ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ପ୍ରଥମ ଚାରି ଦିନ ସୋହେଲା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୨ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ୫ ଦିନ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଗତକାଲି ପ୍ରଥମ ସନ୍ଧ୍ୟାରେ ସୋହେଲା ସରକାରୀ ବାଳିକା ବିଦ୍ୟାଳୟ, ତବଡା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଏବଂ ଶ୍ରୀରାମ ନର୍ସିଂ କଲେଜର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଡ. ତୁଷାରକାନ୍ତ ସାହୁ ମଞ୍ଚ ସଂଯୋଜନା କରିଥିଲେ।



# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**ପାଇକମାଳ, ୨୦।୩(ସମିସ):** ପାଇକମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପଞ୍ଚମ ଶ୍ରେଣୀର ତିନି ଛାତ୍ରଛାତ୍ରୀ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ସାଇ ସୌମ୍ୟରଞ୍ଜନ ସାହୁ, ସ୍ନିଗ୍ଧାମୟୀ ସା ଓ ସିନ୍ଧୁଜା ସାହୁ। ଏହି ଅବସରରେ ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ, ପରିଚାଳନା କମିଟି ସଭାପତି ରାମ କୁମାର ଗୁପ୍ତା, ସମ୍ପାଦକ ନନ୍ଦଲାଲ ନାୟକ, ପରିଚାଳନା କମିଟି ସଦସ୍ୟସଦସ୍ୟା, ବିଦ୍ୟାମନ୍ଦିର ଗୁରୁଜୀ ଗୁରୁମା କୃତି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ସାନନ୍ଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଜିଠୁ ବରଗଡ଼ରେ ଚତୁର୍ଥ ମିଷ୍ଟର ଓଡ଼ିଶା




**ବରଗଡ଼, ୨୦।୩(ସମିସ):** ବରଗଡ଼ ଡିଷ୍ଟ୍ରିକ୍ଟ ବଡି ବିଲଡିଂ ଆସୋସିଏସନ ତରଫରୁ ଆସନ୍ତା ମାର୍ଚ୍ଚ ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ରାଜ୍ୟର ୩୦ଟି ଜିଲ୍ଲାର ୧୬୦ ଜଣ ପ୍ରତିଯୋଗୀଙ୍କୁ ନେଇ ମହିଳା ଓ ପୁରୁଷ ବଡି ବିଲଡିଂ ସ୍ପୋର୍ଟ୍ସ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିଅନସିପରେ ରାଜ୍ୟର ୩୦ ଜଣ ବିଚାରପତି ଯୋଗ ଦେବେ। ବରଗଡ଼ ଯଦୁମଣି ପଧାନ ଅଡିଟୋରିୟମଠାରେ ଏହି ରାଜ୍ୟସ୍ତରୀୟ ବଡି ବିଲଡିଂ ଚାମ୍ପିଅନସିପ ଅନୁଷ୍ଠିତ ହେବ। ମିଷ୍ଟର ଓଡ଼ିଶାରେ ଯେଉଁ ପ୍ରତିଯୋଗୀ ସଫଳ ହେବେ ସେମାନେ ଏପ୍ରିଲ ମାସରେ ମଧ୍ୟପ୍ରଦେଶରେ ଆୟୋଜିତ ଜାତୀୟ ମିଷ୍ଟର ଇଣ୍ଡିଆ ବଡି ବିଲଡିଂ କାର୍ଯ୍ୟକ୍ରମରେ ଭାଗ ନେବେ। ରାଜ୍ୟସ୍ତରୀୟ ପ୍ରତିଯୋଗତାକୁ ନେଇ ଆଜି ବରଗଡ଼ରେ ବରଗଡ଼ ଡିଷ୍ଟ୍ରିକ୍ଟ ବଡି ବିଲଡିଂ ଏସୋସିଏସନ ତରଫରୁ ସାମ୍ବାଦିକ ସମ୍ମିଳନୀ କରି ଗଣମାଧ୍ୟମକୁ ବିସ୍ତୃତ ଭାବେ ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବଡି ବିଲ୍ଡିଙ୍ଗ୍ ଆସୋସିଏସନ୍ ସାଧାରଣ ସମ୍ପାଦକ କିଶୋର ମିଶ୍ର, ସହଯୋଗୀ ଆୟୋଜକ ସରୋଜ ମହାପାତ୍ର, ପାୱାରପ୍ଲାଣ୍ଟ ଜିମ୍‌ର ଡାଇରେକ୍ଟର ବଲୋଚନ ପ୍ରଧାନ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ପଖାଳ ପରବ'

**ବରଗଡ଼, ୨୦।୩(ସମିସ):** ସ୍ଥାନୀୟ ଆନନ୍ଦ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ପଖାଳ ପରବ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଭଟଲି ବ୍ଲକ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକ ଓ ପୌରାଞ୍ଚଳ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ସମସ୍ତେ ମିଶି ପଖାଳ ଖାଇଥିଲେ।



# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ପୁରସ୍କାର ବିତରଣ ଉତ୍ସବ



**ବରଗଡ଼, ୨୦।୩(ସମିସ):** ବରଗଡ଼ ପଞ୍ଚାୟତ କଲେଜ ରୋଡ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ଧରଣୀ ଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି ଓ ସମାଜସେବୀ ସଂଘ ମିତ୍ରା ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷରେ ଅତିଥିଗଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

**ଅମ୍ବାଭୋନାରେ ସାମାଜିକ ସମୀକ୍ଷା ପ୍ରହସନ**

# ବିନା ଶ୍ରମିକରେ ମନରେଗା ଜନଶୁଣାଣିକୁ ନେଇ ଅସନ୍ତୋଷ

**ଅମ୍ବାଭୋନା, ୨୦।୩(ସମିସ)**

ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ପରିସରରେ ଶୁକ୍ରବାର ଆୟୋଜିତ ହୋଇଥିବା ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଅଧୀନସ୍ଥ ବ୍ଲକସ୍ତରୀୟ ଜନଶୁଣାଣି ଓ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଶ୍ରମିକଙ୍କ ବିନା ହୋଇଥିବା ଅସନ୍ତୋଷ ପ୍ରକାଶ ପାଇଛି। ଅମ୍ବାଭୋନା ବ୍ଲକର ଏହି ଘଟଣା ଯୋଜନାର ସାମାଜିକ ସମୀକ୍ଷା ବୈଠକ କେବଳ ଏକ ପ୍ରହସନରେ ପରିଣତ ହୋଇଥିବା ସ୍ପଷ୍ଟ କରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସୂଚନାନୁଯାୟୀ, ଏହି ଜନଶୁଣାଣି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଶ୍ରମିକମାନଙ୍କ ଅଭିଯୋଗ ଶୁଣିବା ଓ ଯୋଜନାର କାର୍ଯ୍ୟକଳାପ ଉପରେ ସ୍ୱଚ୍ଛତା ଆଣିବା। କିନ୍ତୁ ଶିବିରରେ ଶ୍ରମିକଙ୍କ ଅନୁପସ୍ଥିତି ଯୋଜନାଟି ମାତ୍ର କାଗଜ-କଲମରେ ସୀମିତ ରହିଯାଇଛି ସ୍ପଷ୍ଟ କରୁଛି। ଏହା ସହିତ ଏହି ସାମାଜିକ ସମୀକ୍ଷା ବୈଠକରେ ଗଣମାଧ୍ୟମକୁ ସୂଚନା ନଦେଇ ଉପେକ୍ଷା କରାଯାଇଥିବା ଅଭିଯୋଗ ମଧ୍ୟ ଆସିଛି। ବୈଠକରେ କେବଳ ସ୍ଥାନୀୟ ସରପଞ୍ଚ ଓ ବ୍ଲକ କର୍ମଚାରୀମାନଙ୍କୁ ଦେଖିବାକୁ ମିଳିଥିଲା, ଯାହା ଏହାକୁ ଆହୁରି ସନ୍ଦେହଜନକ କରିଦେଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଏପିଓଙ୍କୁ ପଚାରିବାରେ ବିଡିଓଙ୍କ ତରଫରୁ ସୂଚନା ନମିଳିବାରୁ ଗଣମାଧ୍ୟମକୁ ନିମନ୍ତ୍ରଣ ଦିଆଯାଇ ପାରିନଥିବା କହିଛନ୍ତି। ଏହି ଘଟଣା ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଯଥୋଚିତ ତଦନ୍ତ ସହିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



**ଗଣମାଧ୍ୟମ ପ୍ରତିନିଧିଙ୍କୁ ଉପେକ୍ଷା ଅଭିଯୋଗ**

# ପଦ୍ମପୁର ଏନ୍‌ଏସିରେ ନିମ୍ନମାନର କାମକୁ ନେଇ ଅସନ୍ତୋଷ

**ପଦ୍ମପୁର, ୨୦।୩(ସମିସ):** ପଦ୍ମପୁର ଏନଏସି ଅଧିନରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ନିମ୍ନମାନକୁ ନେଇ ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, ଠିକା କାମଗୁଡ଼ିକ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ କିଛି ମାସ ମଧ୍ୟରେ ନବନିର୍ମିତ ରାସ୍ତା ଓ ଡ୍ରେନ୍ ଗୁଡ଼ିକ ନଷ୍ଟ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ ହେଉନାହିଁ। ଏନଏସି କାଉନସିଲ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ମଧ୍ୟ ପ୍ରାୟୋଗିକ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ଆସୁଛି। ଏହାସହିତ, ପଦ୍ମପୁର ଥାନା ଛକରୁ ଆମ୍ବେଦକର ଛକ ଓ ପୁରୁଣା ବସ୍ତିକୁ ଯୋଡ଼ିଥିବା ମୁଖ୍ୟ ରାସ୍ତା ଦୀର୍ଘଦିନ ଧରି ଦୟନୀୟ ଅବସ୍ଥାରେ ରହିଥିବା ସତ୍ତ୍ୱେ ଏହାର ମରାମତି ପାଇଁ ନିରବ ରହିଥିବା ଅଭିଯୋଗ ହେଉଛି। କିନ୍ତୁ ଅନ୍ୟପଟେ ମାର୍କେଟ କମ୍ପ୍ଲେକ୍ସ ଓ ପାର୍କ ପ୍ରକଳ୍ପ ପାଇଁ ଅର୍ଥ ବ୍ୟୟ ହେଉଥିବାରୁ ଲୋକମାନେ ପ୍ରଶ୍ନ ଉଠାଇଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ କିଛି ସମୟ ପାଇଁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ନିଭାଇଥିବା ଅଧିକାରୀ ନିଜେ ନେଇଥିବା ନିଷ୍ପତ୍ତିକୁ ମଧ୍ୟ କାର୍ଯ୍ୟକାରୀ କରିନାହାନ୍ତି। ବିଶେଷକରି ବ୍ରାହ୍ମଣୀ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ଗତବର୍ଷ ସମ୍ପାଦନ ହୋଇନଥିବାର ଭୂମିକା ନେଇ ପ୍ରଶ୍ନ ଉଠିଛି। ଏହାସହିତ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତହସିଲଦାରଙ୍କ ଆଦେଶ କାର୍ଯ୍ୟକାରୀ କରିବାରେ ଅବହେଳା ଓ ଜବରଦଖଲକାରୀଙ୍କୁ ସୁବିଧା ଦେଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ପ୍ରତିଶ୍ରୁତି ପାଳନ ନହେବାରୁ ପ୍ରଶାସନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ପଦ୍ମପୁରର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଜମି ଜବରଦଖଲ ମାମଲାରେ ଉଚ୍ଛେଦ ପଦକ୍ଷେପ ନେବା ପରିବର୍ତ୍ତେ ତାହାକୁ ନିୟମିତ କରିବା ପାଇଁ ଏନ ଏସି. କାର୍ଯ୍ୟନିର୍ବାହୀ ଅଧିକାରୀ ପରାମର୍ଶ ଦେବା ଘଟଣାକୁ ନେଇ ମଧ୍ୟ ଅଭିଯୋଗ ଉଠିଛି। ଅନ୍ୟପଟେ କିଛି ଜବରଦଖଲକାରୀଙ୍କୁ ସୁବିଧା ଦିଆଯାଉଥିବା ବେଳେ ଅନ୍ୟପଟେ କିଛି ଲୋକଙ୍କୁ ବିନା ପୁନର୍ବାସରେ ଉଚ୍ଛେଦ କରାଯାଉଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଏନେଇ ସ୍ଥାନୀୟ ଲୋକମାନେ ଏହି ଘଟଣାର ଶୀଘ୍ର ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ସହ ପଦ୍ମପୁରର ସମଗ୍ର ଉନ୍ନତି ପାଇଁ ପ୍ରଶାସନକୁ ସଚେତନ ହେବାକୁ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା

# ଭୋଟର ତାଲିକା ପ୍ରସ୍ତୁତି ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୨୦।୩(ସମିସ)

ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ଭୋଟର ତାଲିକା ପ୍ରସ୍ତୁତି ଓ ମ୍ୟାପିଂ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଯେଉଁ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନଙ୍କର ପ୍ରଦର୍ଶନ ୬୦ ପ୍ରତିଶତରୁ କମ୍ ରହିଛି, ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଏଥିରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରି-ଏସ୍.ଆଇ.ଆର୍-୨୦୨୬ ପ୍ରକ୍ରିୟା ଅଧୀନରେ ଚାଲିଥିବା ଭୋଟର ମ୍ୟାପିଂ କାର୍ଯ୍ୟକୁ ସମୀକ୍ଷା କରି ଜିଲ୍ଲାପାଳ ବ୍ରଜରାଜନଗର ଓ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ନିମ୍ନ ପ୍ରଦର୍ଶନକାରୀ ବିଏଲ୍ଓମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବାକି ରହିଥିବା ଭୋଟର ଯାଞ୍ଚ ଓ ତଥ୍ୟ ଅପଲୋଡ୍ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୨୩ ରିଖରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଝାରସୁଗୁଡ଼ା ଗସ୍ତ କରି ପ୍ରି-ଏସ୍.ଆଇ.ଆର୍ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଥିବାରୁ ତାହା ପୂର୍ବରୁ ସମସ୍ତ ଅଧିକାରୀ ନିଜ ନିଜ ଅଞ୍ଚଳର ଅପଡେଟେଡ୍ ରିପୋର୍ଟ ଓ ରେକର୍ଡ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ସମସ୍ତ ଇଆରଓ ଏଇଆରଓ, ବିଡିଓ, ତହସିଲଦାର ଏବଂ ପୌରପାଳିକାର ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ।




## ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା

# ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ




**ଝାରସୁଗୁଡ଼ା, ୨୦।୩(ସମିସ):** ଗ୍ରୀଷ୍ମ ଋତୁରେ ଜିଲ୍ଲାରେ ପାନୀୟ ଜଳର ସମସ୍ୟା ଦୂର କରିବା ଏବଂ ଜଳ ଯୋଗାଣ ପ୍ରକଳ୍ପ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ସମସ୍ତ ନଳକୂପ, ସୌର ଚାଳିତ ଡୁଆଲ୍ ପମ୍ପ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ଗ୍ରୀଷ୍ମ ପ୍ରବାହ ସମୟରେ ଯେପରି କୌଣସି ସ୍ଥାନରେ ପାନୀୟ ଜଳର ଅଭାବ ନହୁଏ, ସେଥିପାଇଁ ସମସ୍ତ ଜଳ ଉତ୍ସକୁ କାର୍ଯ୍ୟକ୍ଷମ ରଖିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲ୍ଲାର ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଟ୍ୟାପ୍ ଯୋଗେ ଜଳ ଯୋଗାଣର ଅଗ୍ରଗତି, 'ବସୁଧା' ଅଭିଯୋଗର ସମାଧାନ ଏବଂ ଜଳକଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ହୋଇଥିବା ପ୍ରସ୍ତୁତି ଉପରେ ଆଲୋଚନା କରାଯାଇଥିଲା। ନୂତନ ନଳକୂପ ଖନନ ସହିତ ଡିଏମ୍ଏଫ୍ ଏବଂ ଏସ୍ଏଫ୍ସି ପାଣ୍ଠିରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ବିଶେଷ କରି ୧୬/୧୭ ଏବଂ ୪୨ଟି ଗ୍ରାମ ପଞ୍ଚାୟତକୁ ସାମିଲ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସ୍ଥିତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ରାସ୍ତା କାମ ସମୟରେ ପିଡବ୍ଲ୍ୟୁଡି, ଆର୍‌ଡି ଏବଂ ଜାତୀୟ ରଜପଥ ବିଭାଗ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପାଇପ୍ ଲାଇନଗୁଡ଼ିକର ତୁରନ୍ତ ପୁନରୁଦ୍ଧାର ପାଇଁ ଅନ୍ତଃ-ବିଭାଗୀୟ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। ବାକି ରହିଥିବା ଆକଳନ ଗୁଡ଼ିକର ଅନୁମୋଦନ ଏବଂ ପାଣ୍ଠିର ସଠିକ ବିନିଯୋଗ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## 'ଏକଲବ୍ୟ' ବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ନୂତନ ହଷ୍ଟେଲ ଓ କ୍ୱାର୍ଟର୍ସ ନିର୍ମାଣ ପାଇଁ ନିର୍ଦ୍ଦେଶ

**ଝାରସୁଗୁଡ଼ା, ୨୦।୩ (ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ସହ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ବିଦ୍ୟାଳୟର ବର୍ତ୍ତମାନର ଶିକ୍ଷାଦାନ ପଦ୍ଧତି ଏବଂ ଭିତ୍ତିଭୂମିର ସମୀକ୍ଷା କରାଯାଇଥିଲା। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ହଷ୍ଟେଲ, କର୍ମଚାରୀଙ୍କ ପାଇଁ ଆବାସିକ କ୍ୱାର୍ଟର୍ସ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମିର ଆବଶ୍ୟକ ଥିବା ନେଇ କମିଟି ପକ୍ଷରୁ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଏକ ଉନ୍ନତ ଶିକ୍ଷାଦାନ ପରିବେଶ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, କୁଚିଣ୍ଡା ଓ କିର୍ମିରା ଏକଲବ୍ୟ ବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅଭିଭାବକ ସଦସ୍ୟ ଉପସ୍ଥିତ ଥିଲେ।




# ୨୪ରେ ନିଯୁକ୍ତି ମେଳା

**ଝାରସୁଗୁଡ଼ା, ୨୦।୩(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ମାର୍ଚ୍ଚ ୨୪ ତାରିଖରେ ଏକ ବିଶାଳ 'ମେଗା ଜବ୍ ଡ୍ରାଇଭ୍' ବା ନିଯୁକ୍ତି ମେଳା ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱିତୀୟ ମହଲାରେ ଥିବା ଡିଏମ୍ଏଫ୍ ଅଡିଟୋରିୟମ ହଲରେ ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ରାଜ୍ୟର ଅଗ୍ରଣୀ କମ୍ପାନୀମାନେ ଯୋଗଦେଇ ଯୋଗ୍ୟ ପ୍ରାର୍ଥୀ ଚୟନ କରିବେ। ଏହି ନିଯୁକ୍ତି ମୁଖ୍ୟତଃ ଝାରସୁଗୁଡ଼ା ଏବଂ ସମ୍ବଲପୁର ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ରହିବ। ଦଶମ ଶ୍ରେଣୀ ପାସ୍, ଯୁକ୍ତ ଦୁଇ, ଆଇଟିଆଇ, ଡିପ୍ଲୋମା, ସାଧାରଣ ସ୍ନାତକ ସହିତ ସମସ୍ତ ଡିଗ୍ରୀଧାରୀ ଛାତ୍ରଛାତ୍ରୀମାନେ ଏହି ସାକ୍ଷାତକାରରେ ଭାଗ ନେଇପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ ନିଜର ଅପଡେଟେଡ୍ ରେଜ୍ୟୁମ୍, ସମସ୍ତ ଶିକ୍ଷାଗତ ପ୍ରମାଣପତ୍ରର ନକଲ, ପରିଚୟ ପତ୍ର ଏବଂ ନିକଟ ଅତୀତର ପାସପୋର୍ଟ ସାଇଜ୍ ଫଟୋ ସହିତ ସିଧାସଳଖ ସାକ୍ଷାତକାର ପାଇଁ ଉପସ୍ଥିତ ରହିବାକୁ ଜିଲ୍ଲା ନିଯୋଜନ ଅଧିକାରୀଙ୍କ ପକ୍ଷରୁ ସୂଚାଯାଇଛି।

# କୁମ୍ଭାରବନ୍ଧରେ ୧୬ ପ୍ରହର ନାମଯଜ୍ଞ

**ଇବଥର୍ମାଲ, ୨୦।୩ (ସମିସ):** ଲଖନପୁର ବ୍ଲକ କୁମ୍ଭାରବନ୍ଧ ଗ୍ରାମରେ ସୋମବାରଠାରୁ ଆରମ୍ଭ ହୋଇଥିବା ୧୬ ପ୍ରହର ନାମଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ସୋମବାର କିର୍ତ୍ତନ ମଣ୍ଡଳୀ ଗହଣରେ ପୂଜକ ବିଶ୍ୱମ୍ବର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଯଜ୍ଞ କର୍ତ୍ତା ଭାବେ ଉମାକାନ୍ତ ପଣ୍ଡା, ପତ୍ନୀ ସୁବ୍ରତା ପଣ୍ଡା ଯୋଗଦେଇଥିଲେ। ସେବାରାମ ଭୋଇ, ଚିନ୍ମୟ ଦେହେରୀ, ଅରୁଣ ପ୍ରଧାନ, ବିଷ୍ଣୁଦେବ ମାଝୀ, ଶିବଚରଣ ଗୁରୁ ସମେତ ମହିଳାମାନେ ଗ୍ରାମର ପାଟେରୀ ବନ୍ଧ ପୋଖରୀରୁ ୧୦୮ କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ମଙ୍ଗଳବାର ବରଗଡ଼ ବେଣୁବାବା ମଠର ମଠାଧିଶ ବାବାଜୀ ଭଗବାନ ଦାସଙ୍କ ଉପସ୍ଥିତିରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ଭଗବାନ ଦାସ, ବିରାଟ ବାବା, ମଠାଧୀଶଙ୍କ ଅନୁଗାମୀ କୁମ୍ଭାରବନ୍ଧ କୀର୍ତ୍ତନିଆ ଭକ୍ତଗଣଙ୍କ ଉପସ୍ଥିତିରେ ନାମଯଜ୍ଞ ପୂର୍ଣ୍ଣାହୁତି, ନାମ ସମାପନ, ନଗର କୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ, କଳସ ବିସର୍ଜନ କରାଯାଇଥିଲା। ମୋଟ ୨୩ ଦଳ କୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗ ହୋଇଥିଲେ। ତପନ କୁମାର ପାଟଯୋଷୀ, ନୃସିଂହନାଥ ବଗାର, ପ୍ରେମାନନ୍ଦ ଭୋଇ, ସୌମ୍ୟରଞ୍ଜନ ପାଣ୍ଡିଆ, ଶ୍ରୀକାନ୍ତ ପାଣ୍ଡେ, ରମାକାନ୍ତ ମିର୍ଦ୍ଧା, ପ୍ରଭାବ ବିଶ୍ୱାଳ, ଜୟନ୍ତ ଭୋଇ, ଆନନ୍ଦ ଭୋଇ, ରାଜୁ ନାଏକ, ସୁରେଶ ମିର୍ଦ୍ଧାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।।ଆଜି ନାମ ଯଜ୍ଞରେ ହଳଦୀ କୀର୍ତ୍ତନ କରାଯାଇ ରାଧାମାଧବଙ୍କ ମେଳଣ ଯାତ୍ରାରେ ଘରେଘରେ ଠାକୁର ପୂଜନ ସହ ନଗର କୀର୍ତ୍ତନ କରି ହଳଦୀ ମାଖିବା ଓ ମଖାଇବା ପ୍ରଥା ଅନୁଷ୍ଠିତ ହୋଇଥିଲା।

## ସଂଘବଦ୍ଧ ଆକ୍ରମଣରେ ଦଳିତ ଯୁବକଙ୍କ ମୃତ୍ୟୁ ଘଟଣା

# ମୃତକଙ୍କ ପରିବାରକୁ ଅର୍ଥିକ ସହାୟତା ପ୍ରଦାନ

**ଦେବଗଡ଼, ୨୦।୩(ସମିସ):** ଗତ ୨୦୨୫ ସେପ୍ଟେମ୍ବର ୩ ତାରିଖରେ ମୃତ ଗୋରୁର ଚମଡା ଛଡାଉଥିବା ବେଳେ ଦୁର୍ବୃତ୍ତଙ୍କର ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିବା ରିଆମାଳ ଥାନା ତଥା ତିଲେଇବଣି ବ୍ଲକ କଂସର କାଉଁଶିଢିପା ସାହିର ଦଳିତ ଯୁବକ କିଶୋର ଚମାରଙ୍କ ପରିବାରକୁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ଼ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ଆଜି କାଉଁଶିଢିପା ଗ୍ରାମ ସ୍ଥିତ ସ୍ୱର୍ଗତଃ କିଶୋର ଚମାରଙ୍କ ଘରକୁ ଯାଇ ତାଙ୍କର ବିଧବା ପତ୍ନି ମାନସୀ ଚମାରଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ୪, ୮୫, ୫୦୦ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ସେପ୍ଟେମ୍ବର ୩ ତାରିଖରେ କଂସର କାଉଁଶିଢିପା ସାହିର କିଶୋର ଚମାର ରିଆମାଳ ଥାନାଞ୍ଚଳର କେନ୍ଦେଇଜୁରୀ ଗ୍ରାମର ଏକ ନାଳ କଡରେ ଏକ ମଲା ଗୋରୁର ଚମଡା ଛଡାଉଥିବା ସମୟରେ କେତେକ ଦୁର୍ବୃତ୍ତ ତାଙ୍କୁ ବାଡିରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିଲେ। ରିଆମାଳ ଥାନା ପୁଲିସ ଏ ଘଟଣାରେ ସମ୍ପୃକ୍ତ ବହୁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କିଶୋର ଦଳିତ ବର୍ଗର ହୋଇଥିବାରୁ ସରକାରଙ୍କ ପକ୍ଷରୁ ଅନୁସୂଚିତ ଜାତି ନିର୍ଯାତନା ନିବାରଣ ଆଇନ ଅନୁଯାୟୀ ପୀଡିତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସରକାରଙ୍କ ଅନୁମୋଦନ ପରେ ଆଜି କିଶୋର ଚମାରଙ୍କ ପରିବାରକୁ ଉପରୋକ୍ତ ସହାୟତା ରାଶି ପ୍ରଦାନ କରାଯିବା ସହ ତାଙ୍କର ଦୁଇ ଶିଶୁକନ୍ୟାଙ୍କୁ ନିକଟସ୍ଥ କଂସର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିବାସରେ ରହି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଥିବା ଜିଲା ମଙ୍ଗଳ ଅଧିକାରୀ ଶ୍ରୀ ପୁହାଣ ପ୍ରକାଶ କରିଛନ୍ତି।



# ବୋଲେରୋ ଧକ୍କାରେ ବାଇକ ଆରୋହୀ ମୃତ

**ଦେବଗଡ଼, ୨୦।୩ (ସମିସ):** ଗତକାଲି ରାତ୍ରିରେ ବାରକୋଟ ଥାନାଞ୍ଚଳ ଠିଆନାଳ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଅନୁଗୁଳ ଜିଲା ପାଲଲହଡା ଥାନାଞ୍ଚଳ ଝିମିରିପାଲି ଗ୍ରାମର ଧ୍ରୁବା ନାୟକଙ୍କ ପୁଅ ଭଗବାନ ନାୟକ(୪୨) ଗତକାଲି ରାତ୍ରିରେ ଏକ ବାଇକ ଯୋଗେ ଠିଆନାଳରୁ ନିଜ ଗ୍ରାମକୁ ଫେରୁଥିଲେ। ତେବେ ରାତ୍ରି ପ୍ରାୟ ୧୦ଟା ସମୟରେ ବିପରିତ ଦିଗରୁ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେବାରୁ ଭଗବାନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ନିକଟସ୍ଥ ଅନୁଗୁଳ ଜିଲ୍ଲାର ପାଲଲହଡା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଚନା ପାଇ ବାରକୋଟ ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ମାମଲା ରୁଜୁ କରି ଉଭୟ ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ବାଇକକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଓପିଜିସିର ସାମାଜିକ ଦକ୍ଷତା ପ୍ରଶିକ୍ଷଣ

**ଇବଥର୍ମାଲ, ୨୦।୩ (ସମିସ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ଼ (ଓପିଜିସି) ଦ୍ୱାରା ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ ଇବ ଥର୍ମାଲ ପାୱାର ଷ୍ଟେସନ ପରିପାର୍ଶ୍ୱରେ ଥିବା ଗ୍ରାମୀଣ ଛାତ୍ରୀମାନଙ୍କର ସାମାଜିକ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ଏକ ୭ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟଅତିଥି ଓପିଜିସିରେ ନିର୍ଦ୍ଦେଶକ (ଅପେରସନ) ଅଞ୍ଜନା ରଞ୍ଜନ ଦାସ ଛାତ୍ରୀମାନଙ୍କୁ ନିର୍ଭୟ ହୋଇ ଜୀବନରେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଥିଲେ। ଅନ୍ୟତମ ଅତିଥି ସିନିଅର ଭାଇସ ପ୍ରେସିଡେଣ୍ଟ (ଅପେରସନ) ସୁକାନ୍ତ ମହାପାତ୍ର ଗ୍ରାମାଞ୍ଚଳରୁ ଆସିଥିବା ଛାତ୍ରୀମାନଙ୍କୁ ଶିକ୍ଷାକୁ ଗୁରୁତ୍ୱର ସହ ଗ୍ରହଣ କରି ନିଜର ତଥା ନିଜ ପରିବାରର ଉନ୍ନତିରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଇବଥର୍ମାଲ ଲେଡିସ୍ କ୍ଲବ ଅଧ୍ୟକ୍ଷା ସଙ୍ଗୀତା ଦାସ ଛାତ୍ରୀମାନଙ୍କୁ ଜୀବନର ଭିନ୍ନ ପର୍ଯ୍ୟାୟରେ ନିଜକୁ କିପରି ପରିଚାଳିତ କରିବେ ସେ ବିଷୟରେ ବୁଝାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଇବଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା ଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣକୁ ଗ୍ରହଣ କରି ଜୀବନରେ ଉନ୍ନତି କିପରି ହୋଇପାରିବ ସେ ବିଷୟରେ ବୁଝାଇଥିଲେ। ଆୟୋଜକ ସିଏସ୍ଆର୍ ବିଭାଗର ଉପଦେଷ୍ଟା ପ୍ରଫୁଲ୍ଲ କୁମାର ଧଳ ଏବଂ ଅନ୍ୟତମ ସମ୍ମାନିତ ଅତିଥି ଇବଥର୍ମାଲ ବିଜେଡି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଭାଗ୍ୟରଜ ଉପସ୍ଥିତ ଥିଲେ। ଚାଇଲ୍ଡ ଫଣ୍ଡ ଇଣ୍ଡିଆ ସଂସ୍ଥାର ପ୍ରଶିକ୍ଷକ ସଞ୍ଜୀବ ବେହେରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ସାତ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଶିକ୍ଷକଙ୍କ ଦ୍ୱାରା କରାଯିବ। ସିଏସ୍ଆର୍ ବିଭାଗ ତରଫରୁ ହିମାଂଶୁ ଭୂଷଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ତାପସ ପଣ୍ଡା, ଅମର ସିଂ ସହଯୋଗ କରିଥିଲେ। ଏହି ଅବସରରେ ଓପିଜିସିର ବରିଷ୍ଠ ଅଧିକାରୀ, ଇବଥର୍ମାଲ ଲେଡିସ୍ କ୍ଲବ୍‌ର ସଦସ୍ୟା ଏବଂ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେଲେନପାଲି, ବନହରପାଲି, ପିକେପିଏମ୍ ହାଇସ୍କୁଲ ବନହରପାଲି, ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିନକା, ଜେଏଲ୍ ହାଇସ୍କୁଲ ଅଡାପଡ଼ା, ଆରକେପି ହାଇସ୍କୁଲ କୁମ୍ଭାରବନ୍ଧ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଓ ଆଶ୍ରମ ସ୍କୁଲ ରେମେଣ୍ଡା, ଅର୍ଜୁନ ଗୁପ୍ତା ବାଳିକା ଉଚ୍ଚବିଦ୍ୟାଳୟ ଫଟାପାଲି, ତୁଳସୀ ସାହୁ ହାଇସ୍କୁଲ ତିଲିଆ, ଦଳଗାଁ ହାଇସ୍କୁଲ ଏବଂ ଡିଏଭି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ।




# ହୋଟେଲ ଜଗୁଆଳିଙ୍କୁ ଆକ୍ରମଣ ଘଟଣା; ସାଥି ଜଗୁଆଳି ଗିରଫ

**ଦେବଗଡ଼, ୨୦।୩(ସମିସ):** ଗତ ୧୪ ତାରିଖ ରାତ୍ରିରେ ଦେବଗଡ଼ ଥାନା ଜଡାଗୋଳା ଥିବା ଏକ ହୋଟେଲର ଜଗୁଆଳି ଶରଣଖୋଳ ଗ୍ରାମର ଲମ୍ବୋଦର ପରିଡ଼ା(୭୫)ଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏନେଇ ହୋଟେଲ ମାଲିକ ସୁଶାନ୍ତ ସାହୁ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରଜୁକରି ଘଟଣାର ତଦନ୍ତ ଚଳାଇଥିଲା। ତେବେ ଆଜି ଆହତ ଜଗୁଆଳି ଲମ୍ବୋଦର ପରିଡ଼ାଙ୍କର ମୃତ୍ୟୁ ଘଟିବା ପରେ ପୁଲିସ ଏଥିରେ ସମ୍ପୃକ୍ତ ସାଥୀ ଜଗୁଆଳି ମୌଲା ସରିଫ ଖାନଙ୍କୁ ହତ୍ୟା ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଯୋଗ୍ୟ, ଦେବଗଡ଼ ଥାନା ଜଡାଗୋଳା ଛକରେ ଜୁଆଳୀଭଙ୍ଗା ଗ୍ରାମର ସୁଶାନ୍ତ ସାହୁଙ୍କର ହୋଟେଲରେ ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ଶରଣଖୋଳ ଗ୍ରାମର ଲମ୍ବୋଦର ପରିଡ଼ା ଓ ଅଭିଯୁକ୍ତ ଉତ୍ତରପ୍ରଦେଶ ମିର୍ଜାପୁର ଅଞ୍ଚଳର ମୌଲା ସରିଫ ଖାନଙ୍କ ମଧ୍ୟରେ ଗତ ୧୪ ତାରିଖ ରାତ୍ରିରେ ମଦ୍ୟପାନକୁ କେନ୍ଦ୍ରକରି ବଚସା ହୋଇଥିଲା। ମୌଲା ସରିଫ ଖାନ ହଠାତ ଉତକ୍ଷିପ୍ତ ହୋଇ କଟୁରୀରେ ଲମ୍ବୋଦରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ଆଜି ସକାଳେ ନିଜ ଘରେ ଲମ୍ବୋଦରଙ୍କ ମୃତ୍ୟୁ ଘଟିଥିଲା।

# ଜିଲ୍ଲା ପ୍ରଶାସନ ପକ୍ଷରୁ 'ପଖାଳ ପରବ'

**ଦେବଗଡ଼, ୨୦।୩(ସମିସ):** ପଖାଳ ଦିବସ ଅବସରରେ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ କ୍ୟାଣ୍ଟିନରେ ଆଜି 'ପଖାଳ ପରବ' ପାଳିତ ହୋଇଯାଇଛି। ଦେବଗଡ଼ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ଦେବଗଡ଼ ବନଖଣ୍ଡ ଅଧିକାରୀ ରଶ୍ମି ଜି., ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ଼ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲାପାଳ ପରକ୍ଷିତ ସାହୁ, ଦେବଗଡ଼ ଜିଲା ପରିଷଦ ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ତିଲେଇବଣିର ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ଲୋକସଭା ସଦସ୍ୟଙ୍କ ଦେବଗଡ଼ ଜିଲା ପ୍ରତିନିଧି ଅରୁଣ କୁମାର ସାହୁ, ଦେବଗଡ଼ ବିଧାୟକଙ୍କ ପ୍ରତିନିଧି ଚନ୍ଦ୍ରଶେଖର ଭୁକ୍ତା, ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ ଓ ଜିଲା ବରିଷ୍ଠ ନାଗରିକ ଫୋରମର ସଭାପତି ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରରେ ପାଳିତ ହେଉଥିବା ରାଜ୍ୟସ୍ତରୀୟ 'ପଖାଳ ପରବ'ର ସିଧାପ୍ରସାରଣକୁ ଏଲଇଡି ସ୍କ୍ରୀନ ଜରିଆରେ ପ୍ରଦର୍ଶିତ କରାଯାଇଥିଲା। ଏହାପରେ ଉପସ୍ଥିତ ସମସ୍ତ ଅତିଥି ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ସାମୂହିକ ଭାବେ ପଖାଳର ମଜା ଉଠାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ, ଜିଲା କ୍ରୀଡା ଅଧିକାରୀ ତାପସ କୁମାର ମହନ୍ତ, ସହକାରୀ ଜିଲାପାଳ ଈଶ୍ୱର ଗୁରୁ, ହେମନ୍ତ କୁମାର ସିଂ, ଜିଲା କୃଷକ ସଂଘର ସଭାପତି ପ୍ରମୋଦ କୁମାର ଝାଙ୍କର ଓ ବରିଷ୍ଠ ଆଇନଜୀବୀ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଅଁରଖୋଲ ସେବା ସମବାୟ ସମିତିର ବାର୍ଷିକ ବୈଠକ

**ଝାରସୁଗୁଡା, ୨୦।୩ (ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ଭଅଁରଖୋଲ ସେବା ସମବାୟ ସମିତିର ବାର୍ଷିକ ସାଧାରଣ ବୈଠକ ତଥା ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଭଅଁରଖୋଲ ସେବା ସମବାୟ ସମିତିର ସ୍ଥାୟୀ ସଭାପତି ଜିତେନ୍ଦ୍ର ପ୍ରଧାନ ଙ୍କ ଉପସ୍ଥିତିରେ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କିପରି ଚାଷୀଙ୍କୁ ଅବଗତ କରାଇ ସେମାନଙ୍କୁ ଲାଭାନ୍ୱିତ କରାଯିବ ସନେଇ ଆଲୋଚନା କରାଯାଇଛି। ସେହିପରି ବାର୍ଷିକ ଆୟ ବ୍ୟୟ ର ହିସାବ, ସମବାୟ ସମିତି କିପରି ଉନ୍ନତି କରିବ, ଚାଷୀମାନେ କିପରି ଉନ୍ନତି କରିବେ, ସମସ୍ତ ସରକାରୀ ସୁବିଧା ସମୟ ମଧ୍ୟରେ ପାଇ ପାରିବେ ସେନେଇ ଆଲୋଚନା କରାଯାଇଛି। ଏହାସହ ଚାଷୀ ମାନଙ୍କ ପଞ୍ଜିକରଣ, ସେମାନଂକୁ ଋଣ ପ୍ରଦାନ, ଧାନ କ୍ରୟ ବିକ୍ରୟ ଚଳିତ ବର୍ଷ ସୁରୁଖୁରୁରେ କରାଯାଇଥିବାବେଳେ ଆଗାମୀ ଦିନରେ ଏହାକୁ ଆହରୀ ସୁରୁଖୁରୁରେ କରାଯାଇପାରିବ ସେନେଇ ବ୍ୟାପକ ଆଲୋଚନା କରିବାସହ ଚାଷୀ ଙ୍କ ପ୍ରସ୍ତାବ ଗ୍ରହଣ କରାଯାଇଛି। ଆଜିର ଏହି ବୈଠକରେ ସମବାୟ ସମିତିର ସଭାପତି ଜିତେନ୍ଦ୍ର ପ୍ରଧାନ, ସମ୍ପାଦକ ସୁଶୀଲ ପ୍ରଧାନ ଙ୍କ ସହ ଚାଷୀମାନଙ୍କ ମଧ୍ୟରେ ପୁରନ୍ଦର ପ୍ରଧାନ, ଅମିନ ପ୍ରଧାନ, ଶିବୁ ପ୍ରଧାନ, ଭରତ ମିର୍ଦ୍ଧା, କୃଷ୍ଣ ପ୍ରଧାନ, ଅଚ୍ୟୁତନନ୍ଦ ସା, ଲକ୍ଷ୍ମଣ ପାତ୍ର ପ୍ରମୁଖଙ୍କ ସହ ଭଅଁରଖୋଲ ସେବା ସମବାୟ ସମିତିର ଚାଷୀମାନେ ଉପସ୍ଥିତ ଥିଲେ।



# ମରାକୁଟା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଝାରସୁଗୁଡା, ୨୦।୩ (ସମିସ):** ଝାରସୁଗୁଡା ଜିଲ୍ଲା ମରାକୁଟା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମରାକୁଟା ଗ୍ରାମ ପଞ୍ଚାୟତର ସରପଞ୍ଚ ଲିଲି ତନ୍ତୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ସୁଜାତା ମେହେର, ସମାଜସେବୀ ମହେନ୍ଦ୍ର ଗୁରୁ, ସମାଜସେବୀ ଗୋଲବଦନ କାଲୋ, ବିଦ୍ୟାଳୟର ସଭାପତି ଜଗଦୀଶ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। ନଟବର ସେଠ ଓ ଅଭୟ ରଞ୍ଜନ ପଟେଲ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଦୀକ୍ଷିତ ମଞ୍ଚାସୀନ ଥିଲେ। ଖେଳ ପ୍ରତିଯୋଗିତା ଓ ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୁଲତା କିଷାନ, ନନ୍ଦିନୀ ସେଉଲ, ବିଶିକେଶନ ପଧାନ, ସନ୍ଧ୍ୟାରାଣୀ ପଧାନ, ଶିକ୍ଷୟିତ୍ରୀ ଗୌରୀ ମେହେର ଓ ଇନ୍ଦୁ କାଲୋ ସହଯୋଗ କରିଥିଲେ। ଦୀପ୍ତିମୟୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।




## ଓଡ଼ିଶା ମେଟାଲିକ୍ସ ବିରୋଧରେ ଅଭିଯୋଗକୁ ନେଇ ତ୍ରିପାକ୍ଷିକ ବୈଠକ

# ସନ୍ତୋଷ ଜନକ ଉତ୍ତର ନ ମିଳିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ

ଝାରସୁଗୁଡା, ୨୦।୩(ସମିସ)

ଝାରସୁଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଝାରସୁଗୁଡା ସଦର ବ୍ଲକ ସ୍ଥିତ ବୁଢାପଦରଠାରେ ଥିବା ଓଡ଼ିଶା ମେଟାଲିକ୍ସ ବିରୋଧରେ ଗ୍ରାମବାସୀ ଓ ସରପଞ୍ଚଙ୍କ ଅଭିଯୋଗକୁ ନେଇ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଓଡ଼ିଶା ମେଟାଲିକ କମ୍ପାନୀର ଅଧିକାରୀମାନେ ଉତ୍ତର ରଖିଥିଲେ। ତେବେ କମ୍ପାନୀ ପକ୍ଷରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗ୍ରାମବାସୀ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ଆସନ୍ତା ୧ ମାସ ମଧ୍ୟରେ ଓଡ଼ିଶା ମେଟାଲିକ ତରଫରୁ ଉତ୍ତରଦାୟୀ ଅଧିକାରୀ ରହି ବୈଠକ କରିବା ପାଇଁ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଓଡ଼ିଶା ମେଟାଲିକ କମ୍ପାନୀ ଦ୍ୱାରା ସିଏସଆର ଫଣ୍ଡରେ ସ୍ଥାନୀୟ ମରାକୁଟା ଅଞ୍ଚଳରେ ଗମନାଗମନ, ସ୍ୱାସ୍ଥ୍ୟ, ପାଣି, ଆଲୁଅ ଆଦି କ୍ଷେତ୍ରରେ ଉନ୍ନତି ସାଧନ ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ପାଇଁ କମ୍ପାନୀ ତରଫରୁ ପରିବେଶ ମଞ୍ଜୁରୀ ବେଳେ ସରକାରଙ୍କ ନିକଟରେ ଚୁକ୍ତି କରିଥିଲା; କିନ୍ତୁ ଦୁଇଟି ଆର୍ଥିକ ବର୍ଷ ବିତି ଯାଇଥିଲେ ମଧ୍ୟ ଓଡ଼ିଶା ମେଟାଲିକ କମ୍ପାନୀ ଏହି କାର୍ଯ୍ୟ ଗୁଡିକ ନ କରିଥିବା ନେଇ ମରାକୁଟା ସରପଞ୍ଚ ଏବଂ ଗ୍ରାମବାସୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଫଳରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଶୁକ୍ରବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମରାକୁଟା ଗ୍ରାମ ପଞ୍ଚାୟତର ଗ୍ରାମବାସୀ ଓ ସରପଞ୍ଚ, ଓଡ଼ିଶା ମେଟାଲିକ କମ୍ପାନୀର ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଉପସ୍ଥିତ ମରାକୁଟା ଗ୍ରାମବାସୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଦ୍ୱାରା ହୋଇଥିବା ଅଭିଯୋଗର ସନ୍ତୋଷ ମୂଳକ ଉତ୍ତର କମ୍ପାନୀ କର୍ତ୍ତୃପକ୍ଷ ଦେଇ ପାରି ନ ଥିଲେ। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ଙ୍କ ଅଭିଯୋଗ କ୍ରମେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଆସନ୍ତା ବୈଠକରେ ଉତ୍ତରଦାୟୀ ଅଧିକାରୀମାନେ ରହିବା ସହିତ ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ କରିଥିବା ଉନ୍ନୟନ ମୂଳକ କାର୍ଯ୍ୟର ତାଲିକା ପ୍ରଦାନ କରିବା ପାଇଁ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା କହିଥିଲେ। ଏହି ତ୍ରିପାକ୍ଷିକ ବୈଠକ ସମୟରେ ମରାକୁଟା ଗ୍ରାମପଞ୍ଚାୟତ ସରପଞ୍ଚ ତନ୍ତୀଙ୍କ ସହିତ ନାଏବ ସରପଞ୍ଚ ଆଶିଷ ଗର୍ଡ଼ିଆ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

